ବର୍ଷ-୨୫, ସଂଖ୍ୟା-୪୪
ଭୁବନେଶ୍ୱର
୧୪, ଫେବୃଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 44
Bhubaneswar
14 February, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଗିଲ ନମ୍ବର ୱାନ୍ ବ୍ୟାଟର

# ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଅଗ୍ରସର ମୋ ସରକାର

**ଭୁବନେଶ୍ୱର,୧୩।୨(ମହାଭାରତ):** ରାଜ୍ୟପାଳ ଡ. କେ ହରିବାବୁ କମ୍ଭମ୍ପତିଙ୍କ ଅଭିଭାଷଣରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ଯେଉଁଥିରେ ଓଡିଶାର ବିକାଶର ନୂଆ ଝଲକ୍ ଦେଖିବାକୁ ମିଳିଛି। ଏହାସହିତ ବିଭିନ୍ନ ଯୋଜନା ସଂପର୍କରେ ଜଣାଇଛନ୍ତି ରାଜ୍ୟପାଳ। ଅସମ୍ଭବ ଲାଗୁଥିବା ପରିବର୍ତ୍ତନକୁ ଅପେକ୍ଷା କରି କ୍ଳାନ୍ତ ହୋଇପଡ଼ିଥିଲେ ରାଜ୍ୟବାସୀ। ହୃଦୟରେ ଆଶା ଓ ଭବିଷ୍ୟତ ପାଇଁ ଦୃଷ୍ଟିଭଙ୍ଗୀ

## ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

ରଖି ୨୦୨୪ ସାଧାରଣ ନିର୍ବାଚନରେ ନିରନ୍ତରତା ପରିବର୍ତ୍ତେ ପରିବର୍ତ୍ତନକୁ ବାଛିଲେ। ମୋ ସରକାରଙ୍କ ପ୍ରତିଶ୍ରୁତିକୁ ଗ୍ରହଣ କଲେ। ଓଡ଼ିଶାବାସୀଙ୍କ ମତଦାନ କେବଳ ଏକ ରାଜନୀତିକ ନିଷ୍ପତ୍ତି ନଥିଲା ବରଂ ଏହା ଏକ ଆସ୍ଥାର ପରିପ୍ରକାଶ ଥିଲା। ଏକ ଉଜ୍ଜ୍ୱଳ ଦିଗନ୍ତକୁ ଆଖିରେ ରଖି, ପରିବର୍ତ୍ତନର ଆଶା ଓ ଭରସା ନେଇ ସେମାନେ ମୋ ସରକାର ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ ଯିଏ ସେମାନଙ୍କ କଥା ଶୁଣିବ, ବୁଝିବ ଓ କାର୍ଯ୍ୟ କରିବ। ଯିଏକି ଗରିବଙ୍କ ଆଶା, ଯୁବକମାନଙ୍କ ଆକାଂକ୍ଷା, କୃଷକଙ୍କ ସ୍ୱପ୍ନ ଓ ମହିଳାମାନଙ୍କ ଲକ୍ଷ୍ୟକୁ ସାକାର କରି ଏକ



ଅତୁଳନୀୟ ସମୃଦ୍ଧିର ନୂତନ ଯୁଗ ଆରମ୍ଭ କରିବ। ଏହାସହିତ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏବେଠୁ ଭିତ୍ତିଭୂମି ପଡ଼ିଥିବା ମଧ୍ୟ କହିଛନ୍ତି।


ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କରିଲେ ରାଜ୍ୟପାଳ। ପରେ ସ୍ୱର୍ଗତ ମନମୋହନ ସିଂହଙ୍କ ସମେତ ରାଜ୍ୟର ଦିବଙ୍ଗତ ବିଧାୟକ ଓ ମନ୍ତ୍ରୀମାନଙ୍କୁ ଗୃହରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପୂର୍ବରୁ ବିଧାନସଭା ପରିସରରେ ରାଜ୍ୟପାଳଙ୍କୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା। ନିଜ ଅଭିଭାଷଣରେ ରାଜ୍ୟପାଳ କହିଥିଲେ ଯେ, ନିଜର ଐତିହ୍ୟ ଓ କୀର୍ତ୍ତିରାଜ ପାଇଁ ଓଡିଶା ବେଶ୍ ପରିଚିତ। ଓଡିଶାରେ ଖଣିଜ ସଂପଦ ଭରପୂର ରହିଛି। ମୋ ସରକାର ସର୍ବଦା କୃଷି ଓ କୃଷକଙ୍କ ଉନ୍ନତି ଦିଗରେ କାମ କରିଆସୁଛନ୍ତି। ଏଦିଗରେ ଧାନର ଏମ୍‌ଏସ୍‌ପି ୮୦୦ ଟଙ୍କା ବଢାଇଛନ୍ତି। ବର୍ତ୍ତମାନ ଯାଏଁ ୧ .୩୬ ଲକ୍ଷ ପଞ୍ଜିକୃତି କୃଷକଙ୍କ ପାଇଁ ଚାଷବୀମାର ବ୍ୟବସ୍ଥା ହୋଇଛି। ଯାହାକି ଚାଷୀଙ୍କୁ ବଡ଼ ସହାୟତା ହେବ। ଦୁଗ୍ଧ ଚାଷୀଙ୍କ ପାଇଁ କାମଧେନୁ ଯୋଜନା ଆରମ୍ଭ ହୋଇଛି। ସୁଭଦ୍ରା ଯୋଜନାରେ ୧ କୋଟି ମହିଳା ଉପକୃତ ହୋଇଛନ୍ତି। ଭିଜନ ୨୦୩୬ ପାଇଁ ୩ ଲକ୍ଷରୁ ଅଧିକ ପରାମର୍ଶ ଆସିଛି। ୪୬ ଲକ୍ଷ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ୨୦୨୭ ସୁଦ୍ଧା ୨୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଓଡିଆ ଅସ୍ମିତାର ବିକାଶ ଦିଗରେ କାର୍ଯ୍ୟ କରୁଛି ମୋ ସରକାର। ବିଗତ ଦିନରେ ଡିଜିପି ସମ୍ମିଳନୀ, ଉତ୍କର୍ଷ ଓଡିଶା, ପ୍ରବାସୀ ଭାରତୀ ଦିବସ ସଫଳତାର ସହ ଆୟୋଜନ କରିଛୁ। ମୋ ସରକାର ନୂଆ ଶିକ୍ଷାନୀତି ଲାଗୁ କରିଛନ୍ତି। ସେହିପରି ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡିଶା ପ୍ରମୁଖ ଭୂମିକା ରହିବ। ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟରେ ୧.୫ ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ। ପ୍ରଥମ ଦୁଇ ବର୍ଷରେ ୬୫,୦୦୦ ପଦବୀ ପୂରଣ ହେବ। ଦୁଇ ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦,୦୦୦ ନିଯୁକ୍ତି ଦିଆଯିବ। ୨୦୨୪-୨୫ରେ ୨୪ ହଜାରରୁ ଅଧିକ ପଦବୀ ପୂରଣ ହୋଇସାରିଛି।୨୦୨୪-୨୫ରେ ପ୍ରାୟ ୧୦ ଲକ୍ଷ ମହିଳାଙ୍କୁ ଏଥିପାଇଁ ତାଲିବ ଦିଆଯିବ। ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ୪୦୦ ଇ-ବସ୍ ଚାଲିବ।

ବଜେଟ ଅଭିଭାଷଣ ମାଧ୍ୟମରେ ରାଜ୍ୟର ବିଜେପି ସରକାରଙ୍କ ବିଗତ ୮ମାସର ବିଭିନ୍ନ କାର୍ଯ୍ୟ ଓ ଭବିଷ୍ୟତ ପାଇଁ ରହିଥିବା କାର୍ଯ୍ୟର ଏକ ରୂପରେଖ ଉପସ୍ଥାପନ କରିଛନ୍ତି। ରାଜ୍ୟବାସୀଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରୁଛି ବୋଲି ରାଜ୍ୟପାଳ କହିଛନ୍ତି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ମୋ ସରକାରଙ୍କ ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି ବୋଲି ରାଜ୍ୟପାଳ କହିବା ସହ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ବର୍ତ୍ତମାନର ଅମୃତ କାଳର ସର୍ବୋତ୍ତମ ଉପଯୋଗ କରି ପ୍ରତ୍ୟେକ ବ୍ୟକ୍ତି, ସଂଗଠନ ଓ ସମଗ୍ର ରାଜ୍ୟକୁ ସକ୍ରିୟ ଭାବେ ଅଭିନବଦ୍ଧ ପ୍ରତିପାଦନ ପୂର୍ବକ ପ୍ରଗତିଶୀଳ ଚିନ୍ତାଧାରା ସହ କାର୍ଯ୍ୟ କରିବାକୁ ହେବ ବୋଲି ରାଜ୍ୟପାଳ କହିଛନ୍ତି। ସରକାର ଆସିବାର ୮ମାସ ବିତିଛି। ଏହା ମଧ୍ୟରେ ମୋ ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଅନେକ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ ଅନେକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଛି। ପ୍ରାୟ ୧ କୋଟି ମହିଳାଙ୍କୁ ନିଜର ପ୍ରମୁଖ ଯୋଜନା ସୁଭଦ୍ରାରେ ସାମିଲ କରିବା, ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ଟଙ୍କା ଇନପୁଟ ସହାୟତା ପ୍ରଦାନ, ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲିବା ଓ ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ଅନେକ ପଦକ୍ଷେପ ନେଇଛନ୍ତି।

ବୈଦେଶିକ ବାଣିଜ୍ୟ, ସମୃଦ୍ଧ ଖଣିଜ ଭଣ୍ଡାର ଓ ପ୍ରଚୁର ମାନବ ସମ୍ବଳର ସମୃଦ୍ଧ କେନ୍ଦ୍ର ଭାବେ ଗୌରବମୟ ଅତୀତ ସତ୍ତ୍ୱେ ସ୍ୱାଧୀନତା ପରବର୍ତ୍ତୀ ଅନେକ ବର୍ଷ ଧରି ଓଡ଼ିଶା ଏହାର ବିପୁଳ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ସଂଘର୍ଷ କରିଥିଲା। ରାଜ୍ୟର ପ୍ରତିଶ୍ରୁତି ଅନେକ ସମୟରେ ପୂରଣ ହୋଇପାରିନଥିଲା ବୋଲି ରାଜ୍ୟପାଳଙ୍କ ମୁହଁରେ ରାଜ୍ୟର ବିଜେପି ସରକାର କୁହାଇ ପୂର୍ବ ସରକାରମାନଙ୍କୁ ଟାର୍ଗେଟ୍ କରିଛନ୍ତି। ମୋ ସରକାର ପ୍ରଗତି ଓ ସମୃଦ୍ଧି ଦିଗରେ ଆମର ଯାତ୍ରାରେ କାହାକୁ ପଛରେ ନପକାଇ ଓଡ଼ିଶାର ସାମଗ୍ରିକ ବିକାଶ ଓ ଏହାର ସମସ୍ତ ବର୍ଗର ଲୋକଙ୍କ ସଶକ୍ତିକରଣ ପାଇଁ ଦୃଢ଼ ଭାବେ ସମର୍ପିତ ବୋଲି ରାଜ୍ୟପାଳ କହିଛନ୍ତି।

# ମସ୍କ-ମୋଦି ଆଲୋଚନା

**ୱାଶିଂଟନ,୧୩।୨(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପୂର୍ବରୁ ବିଭିନ୍ନ ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ସେ ଟେସ୍‌ଲା ସିଇଓ ଏଲନ୍ ମସ୍କ, ଜାତୀୟ ସୁରକ୍ଷା



ପରାମର୍ଶଦାତା (ଏନ୍‌ଏସ୍‌ଏ) ମିଚେଲ ୱାଲ୍ଟଜ ଏବଂ ଜାତୀୟ ଗୋଇନ୍ଦା ମୁଖ୍ୟ ତୁଳସୀ ଗାବାର୍ଡଙ୍କୁ ଭେଟିଛନ୍ତି। ଟ୍ରମ୍ପ୍ ପ୍ରଶାସନରେ ସରକାରଙ୍କ ଦକ୍ଷତା ବିଭାଗ (ଡିଓଜିଇ)ର ମୁଖ୍ୟ ଥିବା ମସ୍କ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ବ୍ଲେୟାର ହାଉସ୍‌ରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ମସ୍କଙ୍କ ସହ ତାଙ୍କର ୩ ପିଲା ଆସିଥିଲେ। ଟ୍ରମ୍ପଙ୍କ ଷ୍ଟାର୍‌ଲିଙ୍କ୍ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଯୋଗାଇବା ପ୍ରସ୍ତାବ ରଖିଥିବା ବେଳେ ଟେସ୍‌ଲା ମଧ୍ୟ ଭାରତରେ କାରଖାନା ସ୍ଥାପନ କରିବା ଯୋଜନା ରଖିଛି। ଏପରିକି ମୋଦି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ୱାଲ୍ଟଜଙ୍କୁ ଭେଟିଥିଲେ। ବୈଠକରେ ବହିର୍ବ୍ୟାପାର ମନ୍ତ୍ର ଏସ୍. ଜୟଶଙ୍କର ଏବଂ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ଟ୍ରମ୍ପ୍ ପ୍ରଶାସନରେ ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଶପଥ ନେଇଥିବା ତୁଳସୀ ଗାବାର୍ଡଙ୍କୁ ମୋଦି ସାକ୍ଷାତ୍ କରିଥିଲେ।

# ମଣିପୁରରେ ରାଷ୍ଟ୍ରପତି ଶାସନ

**ନୂଆଦିଲ୍ଲୀ,୧୩।୨(ମହାଭାରତ):** ମଣିପୁରରେ ଆଜି ସନ୍ଧ୍ୟାରୁ ଲାଗୁ ହୋଇଛି ରାଷ୍ଟ୍ରପତି ଶାସନ। ଏନ୍ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ୪ ଦିନ ପରେ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ଏହା ସହିତ ୧୯୫୧ରୁ ଏପର୍ଯ୍ୟନ୍ତ ମଣିପୁରରେ ଏକାଦଶ ଥର ପାଇଁ ଜାରି ହୋଇଛି ରାଷ୍ଟ୍ରପତି ଶାସନ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ରାଜ୍ୟପାଳଙ୍କ ପାଖରୁ ଏକ ରିପୋର୍ଟ ପାଇବା ପରେ ଏବଂ ମୋ ଦ୍ୱାରା ପ୍ରାପ୍ତ ରିପୋର୍ଟ ଓ ଅନ୍ୟାନ୍ୟ ସୂଚନାକୁ ବିଚାର କରିବା ପରେ ମୁଁ ସନ୍ତୁଷ୍ଟ ହେଲି ଯେ ଏପରି ଏକ ସ୍ଥିତି ସୃଷ୍ଟି ହୋଇଛି ଯେଉଁଥିରେ ସେହି ରାଜ୍ୟର ସରକାର ଭାରତର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଚାଲିପାରିବ ନାହିଁ।

ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନେଇ ବିଜେପି ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ନପାଇବାରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ଜଣାପଡ଼ିଛି। ମଣିପୁରର ପ୍ରଭାରୀ ଦାୟିତ୍ୱରେ ଥିବା ସାଂସଦ ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଇମ୍ଫାଲରେ ବିଜେପି ବିଧାୟକମାନଙ୍କ ବୈଠକ ବସିଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରି ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ



ଫେରିବା ପରେ ମଣିପୁର ପାଇଁ ମୁଖ୍ୟମନ୍ତ୍ରୀ ଚୟନ କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ତା ଭିତରେ ଏକ ସାମ୍ବିଧାନିକ ସଙ୍କଟ ଦେଖାଯାଇଥିଲା।ସେଥିପାଇଁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି।

ସମ୍ବିଧାନର ଧାରା ୧୭୪ (୧)ରେ କୁହାଯାଇଛି, ବିଧାନସଭାର ଗୋଟିଏ ଅଧିବେଶନ ଶେଷ ହେବାର ୬ ମାସ ମଧ୍ୟରେ ଆଉ ଏକ ଅଧିବେଶନ ନିଶ୍ଚିତ ବସିବ। ମଣିପୁର ବିଧାନସଭାର ଶେଷ ଅଧିବେଶନ ୨୦୨୪ ଅଗଷ୍ଟ ୧୨ ତାରିଖରେ ବସିଥିବା ବେଳେ ବୁଧବାର (ଗତକାଲି) ଭିତରେ ନୂଆ। ଅଧିବେଶନ ବସିବା କଥା। ଗତ ସୋମବାରଠାରୁ ମଣିପୁର ବିଧାନସଭାର ବଜେଟ୍ ଅଧିବେଶନ ବସିବାକୁ ସ୍ଥିର କରାଯାଇଥିବାବେଳେ ଗତ ରବିବାର ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ରାଜ୍ୟପାଳ ଏହାକୁ ସ୍ଥଗିତ କରି ଦେଇଥିଲେ। ବିଧାନସଭା ଅଧିବେଶନ ବସିବାର ସମୟ ସୀମା ପାର ହୋଇଯିବାରୁ ଆଜି ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ବିଧାନସଭାର ବଜେଟ ଅଧିବେଶନ ବସିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗତ ୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏନ୍ ବୀରେନ ସିଂହ। କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଧମକ ଦେବା ପରେ ସେ ଇସ୍ତଫା ଦେଇଥିଲେ ବୋଲି କୁହାଯାଉଛି। ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀ ମଧ୍ୟରେ ସଂଘର୍ଷ ଆରମ୍ଭ ହେବାର ପ୍ରାୟ ୨ ବର୍ଷ ପରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ୨୦୨୩ ମେରୁ ମଣିପୁର ଅଶାନ୍ତ ହୋଇଥିବା ବେଳେ ଏନ୍ ବୀରେନ ସିଂହଙ୍କ ଉପରେ ବିରୋଧୀଙ୍କ ପକ୍ଷରୁ କ୍ରମଶଃ ଚାପ ବଢ଼ି ଚାଲିଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ସେମାନେ ଦାବି କରି ଆସୁଥିଲେ।ଏସବୁ ଭିତରେ ଏନ ବୀରେନ ସିଂହଙ୍କର ଗୋଟିଏ ତଥାକଥିତ ଭାଇରାଲ ଅଡିଓ ତାଙ୍କୁ ଅକଳରେ ପକାଇଥିଲା। ଏହି ଭାଇରାଲ ଅଡିଓରେ ସେ ମଣିପୁର ହିଂସାକୁ ଉସକାଇବା ଭଳି ବୟାନ ଦେଉଥିବା ଦାବି କରାଯାଇଛି। କୁକି ସଂପ୍ରଦାୟ ପକ୍ଷରୁ ଏହି ଅଡିଓ କ୍ଲିପକୁ ଆଧାର କରି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରି ସରକାରୀ ଫରେନ୍ସିକ ଲ୍ୟାବ୍ରେଟରୀ ସିଏଫଏସ୍‌ଏଲକୁ ଅଡିଓ କ୍ଲିପର ସତ୍ୟତା ଉପରେ ରିପୋର୍ଟ ଦେବାକୁ କହିଥିଲେ।ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆସିବାର ୬ ଦିନ ପରେ ବୀରେନ ସିଂହ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ।

# ରେମୁଣା ତହସିଲଦାର ଗିରଫ

ଭୁବନେଶ୍ୱର, ୧୩।୨(ମହାଭାରତ): ଅୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ବିଦ୍ୟାଧର ପତିଙ୍କ ଘର, କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ତାଙ୍କ ନାଁରେ କୋଟିକୋଟି ଟଙ୍କାର ପ୍ଲଟ୍ ଓ ଫ୍ଲାଟ୍ ଥିବା ଜଣାଯାଇଛି। ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ବିପୁଳ ସମ୍ପତି ଠାବ ହୋଇଛି। ୨ଟି ପ୍ଲଟ, ୯୩୭ ଗ୍ରାମର ସୁନା, ୧.୧୨ କୋଟିର ଡିପୋଜିଟ ଠାବ କରାଯାଇଛି। ଗିରଫ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଆୟ ଠାରୁ ୨୦୨୪% ଅଧିକ ସମ୍ପତି ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଭୁବନେଶ୍ୱରରେ ୨.୫କୋଟିର ୨ଟି ଫ୍ଲାଟ ଏବଂ ବାଲେଶ୍ୱରରେ ଗୋଟିଏ ଫ୍ଲାଟ ରହିଛି। ବିଦ୍ୟାଧର ଓ ପତ୍ନୀଙ୍କ ନାମରେ ଦେ କୋଟିର ପୋଷ୍ଟାଲ ଓ ବ୍ୟାଙ୍କ ଜମା ଥିବା ଜଣାପଡ଼ିଛି। ୨୦୨୨ରୁ ୨୦୨୪ ମଧ୍ୟରେ ୨ ବର୍ଷରେ ଦେଢ଼ କୋଟିର ଜମା ଠବ ହୋଇଛି।

# ସନା ମହାକୁଡ଼ଙ୍କୁ ନବୀନଙ୍କ ତାଗିଦ୍

ଭୁବନେଶ୍ୱର, ୧୩।୨(ମହାଭାରତ): ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚମ୍ପୁଅ। ବିଧାୟକ ସନାତନ ମହାକୁଡ଼ଙ୍କ ବର୍ଷିଛନ୍ତି। ଆଜି ନବୀନଙ୍କୁ ବିଧାନସଭା ଗୃହକୁ ପାଛୋଟି ନେବାକୁ ଅପେକ୍ଷା କରିଥିଲେ ବିଜେଡିର କିଛି ବିଧାୟକ। ସେମାନଙ୍କ ମଧ୍ୟରେ ଥିଲେ ଚମ୍ପୁଅ। ବିଧାୟକ ସନାତନ ମହାକୁଡ଼। ନବୀନ କାରରୁ ଓହ୍ଲାଇ ଗୃହ ଭିତରକୁ ଯାଉଥିବା ବେଳେ ତାଙ୍କ ନଜର ପଡ଼ିଥିଲା ସନାତନଙ୍କ ଉପରେ। ତାଙ୍କୁ ଦେଖି ନବୀନ ତାଗିଦ କରିବା ଶୈଳୀରେ ପଚାରିଥିଲେ ଯେ ଗତକାଲି ସେ କାହିଁକି ବିଜେଡି ବିଧାୟକ ଦଳ ବୈଠକକୁ ଆସି ନଥିଲେ। ଉତ୍ତରରେ ଅସୁସ୍ଥ ଥିଲେ ବୋଲି କହିଥିଲେ ସନାତନ ମହାକୁଡ଼। ତାଙ୍କର ଏହି



ଉତ୍ତରରେ ନବୀନ ସନ୍ତୁଷ୍ଟ ହେଲା ଭଳି ଲାଗି ନଥିଲେ। ଏହା ପରେ ଆଗକୁ ବଢୁଥିବା ବେଳେ ନବୀନ ପୁଣି ଅଟକି ଯାଇ ବିଜେପି ଆଡ଼କୁ ଯାଉଛନ୍ତି କି ବୋଲି ସନାତନଙ୍କୁ ପଚାରିଥିଲେ ନବୀନ। ତାଙ୍କୁ ଏହି ପ୍ରଶ୍ନ କଲା ବେଳେ ସେଠାରେ କିଛି ବିଜେଡି ବିଧାୟକଙ୍କ ସହିତ ସୁରକ୍ଷାକର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସନାତନ ମହାକୁଡ଼ କହିଛନ୍ତି ଯେ ସେ ବିଜେଡି ସହିତ ଅଛନ୍ତି ଓ ରହିବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସନାତନ ମହାକୁଡ଼ କହିଛନ୍ତି, ମୁଁ ଦଳ ଠାରୁ ଦୂରେଇ ଯାଇନି ମୁଁ ଦଳ ସହିତ ରହିଛି ଓ ରହିବି। ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଛୁ ଓ ଆଲୋଚନା କରୁଛୁ। ସେ ପୂରା ରାଜ୍ୟର ମୁଖ୍ୟମନ୍ତ୍ରୀ ସେ କେବଳ ବିଜେପିର ମୁଖ୍ୟମନ୍ତ୍ରୀ ନୁହନ୍ତି। କାହିଁକି ଦଳୀୟ ବୈଠକକୁ ଆସିଲେନି ବୋଲି ନବୀନ ପଟ୍ଟନାୟକ ପଚାରିଥିଲେ। ଅସୁସ୍ଥତା ହେତୁ ଯୋଗ ଦେଇପାରିଲିନି ବୋଲି କହିଥିଲି। ବିଜେପିକୁ ଯାଉଛନ୍ତି କି ବୋଲି ସେ ପଚାରି ନାହାନ୍ତି।ସେ ଦଳର ମୁରବୀ ପଚାରିବାର ଅଧିକାର ତାଙ୍କର ଅଛି।

# ଏଡିଇଓଙ୍କ ବିପୁଳ ସମ୍ପତ୍ତି

**ବୋରିଗୁମ୍ମା,୧୩।୨(ମହାଭାରତ):** ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚମ୍ପିଆ ପଂଚାୟତର ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ) ଏସ୍. ପାର୍ଥସାରଥୀ ବିଶୋୟୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ଶ୍ରୀ ବିଶୋୟୀଙ୍କ ୭ଟି ଠିକଣାରେ ଜୟପୁର ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଥିବା ବେଳେ ଏକ ତିନି ମହଲା କୋଠା, ୧୫ଟି ପ୍ଲଟ୍, ଏକ କାଜୁ ପ୍ରଶସ୍ତୀକରଣ କାରଖାନା, ଯାହାକି ୮୫୦୦ ବର୍ଗଫୁଟରେ ବ୍ୟାପିଛି, ୨୮୫ଗ୍ରାମ୍ ସୁନା, ନଗଦ ୨ଲକ୍ଷ ୪୫ ହଜାର, ୨ଟି କଂକ୍ରିଟ୍



ମିକ୍ସର ମେସିନ୍, ୨ଟି ଧାନକଟା ମେସିନ, ୩ଟି ଟ୍ରାକ୍ଟର, ଗୋଟିଏ ପାଣି ଟ୍ୟାଙ୍କର, ଗୋଟିଏ ବୋଲେରୋ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ତଦନ୍ତ ଜାରି ରଖିଥିବା ବେଳେ ଶ୍ରୀ ବିଶୋୟୀଙ୍କର ଆହୁରି ସ୍ଥାବର-ଅସ୍ଥାବର ସଂପତ୍ତି ଥିବା ଆଶଙ୍କା କରାଯାଉଛି। ଏଡିଇଓ ଏସ୍. ପାର୍ଥସାରଥୀ ବିଶୋୟୀଙ୍କ ସ୍ଥାବର ଓ ଅସ୍ଥାବର ସଂପତ୍ତି ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଶ୍ରୀ ବିଶୋୟୀ ସରକାରୀ ଚାକିରି ସିନା କରୁଥିଲେ ସେ ଚାରିଆଡୁ ଟଙ୍କା ରୋଜଗାର କରୁଥିଲେ। ଚାଷ, ଠିକା, ଶିଳ୍ପ ପ୍ରଭୃତି ଉତ୍ସରୁ ତାଙ୍କୁ ଟଙ୍କା ମିଳୁଥିଲା। ଜଣେ ତୃତୀୟ ଶ୍ରେଣୀର କର୍ମଚାରୀଙ୍କ ପାଖରେ ଯଦି ଏତିକି ସଂପତ୍ତି ରହୁଛି ଦୁର୍ନୀତିରେ ବୁଡ଼ି ରହୁଥିବା ଅଧିକାରୀଙ୍କ ପାଖରେ କେତେ କ'ଣ ନଥିବ।

ଏସ୍. ପାର୍ଥସାରଥୀ ବିଶୋୟୀଙ୍କ କୋରାପୁଟ ଜିଲ୍ଲା ବୋରିଗୁମା ଥାନା ଅନ୍ତର୍ଗତ ଚମ୍ପିଅ। ଗ୍ରାମରେ ଥିବା ପେତୃକ ଘର, ତାଙ୍କ ଦ୍ୱାରା ନିର୍ମିତ ଘର, ତାଙ୍କ ଭାଇଙ୍କ ଘର, ତାଙ୍କ ସମ୍ପର୍କୀୟଙ୍କ ଘର, ତାଙ୍କର କାଜୁ ପ୍ରୋସେସିଂ ୟୁନିଟ୍ ସାଇ କୃଷ୍ଣ ଏଣ୍ଟରପ୍ରାଇଜେସ୍ ଅଫ୍ ବୋରିଗୁମାରେ ଅବସ୍ଥିତ ଶ୍ରୀ ବିଶୋୟୀଙ୍କ ତିନି ମହଲା କୋଠା ଓ କୋଟପାଡ ବ୍ଲକ ଅନ୍ତର୍ଗତ ବଟାସନା ପଂଚାୟତରେ ଅବସ୍ଥିତ ତାଙ୍କର କାର୍ଯ୍ୟାଳୟ ପ୍ରକୋଷ୍ଠ ଆଦିରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରୁଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଜୟପୁରଙ୍କ ଦ୍ୱାରା ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୨ ଜଣ ଅତିରିକ୍ତ ଏସପି, ୪ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର, ୬ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏକକାଳୀନ ଘର ଚାଉ କରାଯାଉଛି।

# ୱାକ୍‌ଫ ବିଲ୍ : ଜେପିସି ରିପୋର୍ଟ ନେଇ ହଟ୍ଟଗୋଳ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):**ୱାକ୍‌ଫ ବିଲ୍ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ରିପୋର୍ଟ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିବାବେଳେ ଏହାକୁ ନେଇ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ ରିପୋର୍ଟରୁ ଅସହମତ ନୋଟ୍‌ଗୁଡ଼ିକୁ ହଟାଇ ଦିଆଯାଇଥିବା ଅଭିଯୋଗ ଆଣି ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ ତେବେ ସେଗୁଡ଼ିକୁ ସାମିଲ କରିବାରେ ସରକାରଙ୍କର କୌଣସି ଆପତ୍ତି ନ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

ଜେପିସି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ ଲୋକ ସଭାରେ ୱାକ୍‌ଫ (ସଂଶୋଧନ) ବିଲ୍ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାକୁ ବିରୋଧ କରି ବିପକ୍ଷ ଦଳର ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାବେଳେ ଗୁରୁବାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାଳ ଶେଷ ହୋଇଛି। ଲୋକସଭାକୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।ରାଜ୍ୟ ସଭାରେ ମଧ୍ୟ ଜେପିସି ରିପୋର୍ଟକୁ ନେଇ ଅନୁରୂପ ସ୍ଥିତି ଉପୁଜିଥିଲା ଏହାକୁ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ।

ଏହାକୁ ନେଇ ସରକାରୀ ଓ ବିରୋଧୀ ସଦସ୍ୟ ମୁହାଁମୁହିଁ ହେବାରୁ କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ରିପୋର୍ଟରୁ ଅସହମତି ନୋଟ୍‌ଗୁଡ଼ିକୁ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣିଥିଲେ, ଯାହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଥିଲେ। ବିରୋଧୀ ସଦସ୍ୟମାନେ ସେମାନଙ୍କ ଆସନରେ ଛିଡ଼ା ହୋଇ ଏବଂ ଗୃହର ମଧ୍ୟଭାଗକୁ ଯାଇ ରିପୋର୍ଟ ପ୍ରତ୍ୟାହାର ପାଇଁ ଦାବି ଜୋରଦାର କରିବାରୁ ଗମ୍ଭୀର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଚେତାବନୀ ଦେଇଥିଲେ। ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରାଯାଉଥିବାବେଳେ ବିଶୃଙ୍ଖଳାକୁ ନେଇ ଗୃହର ନେତା ଜେ.ପି. ନଡ୍ଡା ଦୁଃଖ ପ୍ରକାଶ କରିଥିଲେ। ୱାକ୍‌ଫ ଜେପିସି କମିଟି ରିପୋର୍ଟରେ ସଂଖ୍ୟାଗରିଷ୍ଠ ସଦସ୍ୟମାନଙ୍କ ମତାମତକୁ ରଖାଯାଇ ବିରୋଧୀଙ୍କ ମତାମତକୁ ବାଦ୍ ଦିଆଯାଇଛି। ଏହା ନିନ୍ଦନୀୟ ଏବଂ ଗଣତନ୍ତ୍ର ବିରୋଧୀ ବୋଲି ଖାର୍ଗେ କହିଥିଲେ। ଏଭଳି ଜାଲ୍ ରିପୋର୍ଟକୁ ପ୍ରତ୍ୟାହାର କରିନିଆଯାଇ ପୁଣିଥରେ କମିଟିକୁ ପଠାଯାଉ ବୋଲି ସେ ଆହ୍ୱାନ ଦେଇଥିଲେ। ଡିସେଣ୍ଟ ନୋଟ୍‌କୁ ବାଦ୍ ଦିଆଯିବା ଘଟଣାକୁ ଡିଏମ୍‌କେର ତିରୁଚି ଶିବ ଏବଂ ଆପ୍ ଏମ୍‌ପି ସଞ୍ଜୟ ସିଂ ବିରୋଧ କରିଥିଲେ। ଅସହମତ ନୋଟ୍‌ଗୁଡ଼ିକ ଅନୁପଯୁକ୍ତ ଏବଂ ଅଣସଂସଦୀୟ ହୋଇଥିଲେ ତାହାକୁ ହଟାଇବା କ୍ଷମତା ଜେପିସି ଅଧ୍ୟକ୍ଷଙ୍କର ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଥିଲେ। ବିରୋଧୀ ସଦସ୍ୟମାନେ ଭୁଲ୍ ଅଭିଯୋଗ ଆଣି ଗୃହକୁ ବିଭ୍ରାନ୍ତ କରୁଥିବା କେନ୍ଦ୍ରମନ୍ତ୍ରୀ ଯାଦବ ଏବଂ ନିର୍ମଳା ସୀତାରାମନ୍ କହିଥିଲେ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ। ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



ଖବର

# ଆରମ୍ଭ ହୋଇଗଲାଣି ପରୀକ୍ଷା ଋତୁ: ପାଠପଢ଼ା ପାଇଁ ଟିପ୍ସ ଦେଲେ ଦୀପିକା



ଗତ ମଙ୍ଗଳବାର ଦିନ ‘ପରୀକ୍ଷା ପେ ଚର୍ଚ୍ଚା। ୨୦୨୫’ର ଦ୍ୱିତୀୟ ଏପିସୋଡର ଲାଇଭ୍ ଷ୍ଟ୍ରିମ୍ ହୋଇଥିଲା। ଏହି ଏପିସୋଡ୍ରେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଛାତ୍ରଛାତ୍ରୀମାନଙ୍କ ସହିତ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ଗୁରୁତ୍ୱ ବିଷୟରେ କଥା ହୋଇଥିଲେ। ଏହି ଏପିସୋଡ୍ ଶିକ୍ଷା ମନ୍ତ୍ରଣାଳୟ, ମାଇଗଭରମେଣ୍ଟ ଇଣ୍ଡିଆ ଏବଂ ପିଏମମୋଦୀ ୟୁଟ୍ୟୁବ ଚ୍ୟାନେଲ ଏବଂ ଦୂରଦର୍ଶନ ଚ୍ୟାନେଲରେ ଉପଲବ୍ଧ ରହିଛି ।ଦୀପିକା ପାଦୁକୋନ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ଏକ ସ୍ମିତହାସ୍ୟ ଦେଇ ସ୍ୱାଗତ କରିଥିଲେ। ସେ ତାଙ୍କ ପିଲାଦିନର ଏକ ମଜାଦାର କାହାଣୀ ମଧ୍ୟ ସମସ୍ତଙ୍କ ସହିତ ସେୟାର କରି କହିଥିଲେ, ’ମୁଁ ପିଲାଦିନେ ବହୁତ ଦୁଷ୍ଟ ଥିଲି।’ ମୁଁ ସବୁବେଳେ ଟେବୁଲ, ଚେୟାର ଏବଂ ସୋଫା ଉପରେ ଚଢ଼ି ଡିଆଁ ଡେଇଁ କରିଥାଏ। ପରୀକ୍ଷା ପାଇଁ ପ୍ରସ୍ତୁତି କରିବାର ମୋ ଅଭିଜ୍ଞତା ବିଷୟରେ କହିଲେ ମୁଁ କହିବି କହିଲେ, ’ପରୀକ୍ଷା ସମୟରେ ମୁଁ ବହୁତ ଚାପ ଅନୁଭବ କରୁଥିଲି, ବିଶେଷକରି ଗଣିତରେ ମୋତେ ବହୁତ ଅସୁବିଧା ହେଉଥିଲା ମୁଁ ଏବେ ବି ଏହି ବିଷୟକୁ ଭୟ କରେ।’’ଚାପ ଅନୁଭବ କରିବା ସ୍ୱାଭାବିକ ଏବଂ ଏହା ଜୀବନର ଏକ ଅଂଶୟ’ ଆମେ ଏହାକୁ କିପରି ପରିଚାଳନା କରିବା ତାହା ଗୁରୁତ୍ୱପୂର୍ଣ୍ଣ... ହୋଇଥାଏ।ପରୀକ୍ଷା ଏବଂ ଫଳାଫଳ ବିଷୟରେ ଧୈର୍ଯ୍ୟ ରଖିବା ଗୁରୁତ୍ୱପୂର୍ଣ୍ଣ... ଆମେ କେବଳ ତାହା କରିପାରିବା ଯାହା ଆମ ନିୟନ୍ତ୍ରଣରେ ଅଛି, ଆମେ ଭଲ ନିଦ ପାଇପାରିବା, ଭଲ ପାଣି ପିଇପାରିବା, ବ୍ୟାୟାମ କରିପାରିବା ଏବଂ ଧ୍ୟାନ କରିପାରିବା। ’ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ,‘ ଆମେ ସର୍ବଦା ଆମର ଭାବନାକୁ ପ୍ରକାଶ କରିବା ଉଚିତ ଏବଂ ସେଗୁଡ଼ିକୁ ଦମନ କରିବା ଉଚି଼ ନୁହେଁ। ଏହା କରିବା ପାଇଁ ଡାଏରୀ ଲେଖିବା ଏକ ଉତ୍ତମ ଉପାୟ।’

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, ‘ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା’ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।’

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ‘ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।’ ‘ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।’ ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା’ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

# ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ’ଣ ଆପଣଙ୍କର ହାତ ନାହିଁ କି ? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା’ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।



ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

# ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ।



ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା’ ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।


-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା’କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା’ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ତାଳଚେର ଓ ଫୁଲବାଣୀ ମେଡ଼ିକାଲ କଲେଜ ଶୀଘ୍ର କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର,୧୨।୨ (ମହାଭାରତ):** ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏବଂ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ଦୁଇ ମେଡ଼ିକାଲ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଚିକିତ୍ସାସେବାରେ ଆଶାତୀତ ଉନ୍ନତି ହେବା ସହ ରାଜ୍ୟବାସୀ ବିଶେଷ ଭାବେ ଉପକୃତ ହେବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ଏହି ଦୁଇ ଅନୁଷ୍ଠାନର ବିବିଧ ଆବଶ୍ୟକତାକୁ ତୁରନ୍ତ ପୂର୍ଣ୍ଣ କରିବା ନେଇ ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କୋଠାବାଡ଼ିରୁ ଆରମ୍ଭ କରି ଯନ୍ତ୍ରପାତି ଯାଏଁ ସବୁ ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଲକ୍ଷ୍ୟ ହେଉଛି ଯଥାଶୀଘ୍ର ଏହି ଦୁଇ ଅନୁଷ୍ଠାନକୁ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା। ଅନୁଗୋଳ ଓ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଓ ଅନୁଷ୍ଠାନ ସହ ସଂପୃକ୍ତ ବରିଷ୍ଠ ବିଭାଗୀୟ ଅଧିକାରୀମାନଙ୍କୁ ସାପ୍ତାହିକ ବୈଠକ ଆହ୍ୱାନ କରି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଇଟି ମେଡ଼ିକାଲ କଲେଜକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରି ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ସଂକଳ୍ପବଦ୍ଧ। ଓଏସଏମସିଏଲର ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍. ଅଖତର, କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଡ. ଉଷାରାଣୀ ସାହୁ, ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. କୀର୍ତ୍ତିରେଖା ମହାପାତ୍ର, ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ଦେବ ପ୍ରସାଦ ମହାନ୍ତି, ଉଭୟ ଜିଲ୍ଲାର ସିଡିଏମ୍‌ଓ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଏହି ବୈଠକରେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

# ପି ଆଣ୍ଡ ସି - ଟିସିଏଫ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର,୧୨।୨ (ମହାଭାରତ):** ଓଡ଼ିଶା ସରକାରଙ୍କ 'ଯୋଜନା ଓ ସଂଯୋଜନ ବିଭାଗ' ଏବଂ 'ଦି କନଭରଜେନ୍ସ ଫାଉଣ୍ଡେସନ (ଟିସିଏଫ୍)', ମୁଖ୍ୟାଳୟ-ନୂଆଦିଲ୍ଲୀ ମଧ୍ୟରେ କର୍ମ ନିଯୁକ୍ତି ଏବଂ ଉତ୍ପାଦନକ୍ଷମ ରୋଜଗାର ସୃଷ୍ଟି (ଜବ୍ କ୍ରିଏସନ ଆଣ୍ଡ ପ୍ରଡକ୍ଟିଭ ଏମ୍ପଲ୍‌ଏମେଣ୍ଟ) ସଂପର୍କିତ ଏକ ବୁଝାମଣାପତ୍ର (ଏମଓୟୁ) ଆଜି ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଟିସିଏଫର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଧାୱନଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି।

ଫଳରେ ଓଡ଼ିଶା ସରକାରଙ୍କ ରହିଥିବା ବିଭିନ୍ନ ବିକାଶମୂଳକ ନୀତି ଏବଂ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ଦିଗରେ ରଣନୈତିକ ସହାୟତା ଉପଲବ୍ଧ ହେବ, ଯାହା ରାଜ୍ୟର ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଆଭିମୁଖ୍ୟକୁ ଫଳପ୍ରସୂ କରିବ। ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି, କୃଷି ଉତ୍ପାଦକତା ଓ ଜୀବିକା ବୃଦ୍ଧି, ମହିଳା ମାନଙ୍କ ପାଇଁ ସ୍ଥାୟୀ ଜୀବିକା ବିକଶିତ କରିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟର କୁଶଳୀ ପ୍ରତିଭାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ କର୍ମନିଯୁକ୍ତି ସୃଷ୍ଟି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।




କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ,ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିସହ ଅଧିକରୁ ଅଧିକ ରୋଜଗାର ସୃଷ୍ଟି ପାଇଁ ରାଜ୍ୟ ସରକାର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ମିଆଦୀ ନିରନ୍ତର ଅଭିବୃଦ୍ଧି ହାସଲ କରିବା ପାଇଁ ରାଜ୍ୟକୁ ତଥ୍ୟ ଭିତ୍ତିକ ବୈଷୟିକ ପରାମର୍ଶର ଆବଶ୍ୟକତା ରହିଛି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ବୁଝାମଣା ପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି କହିଲେ ଯେ, ରାଜ୍ୟ ସରକାର ୨୦୩୬ସୁଦ୍ଧା ବିକଶିତ ଓଡ଼ିଶା ସହ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି । ଦି କନଭର୍ଜେନ୍ସ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧାୱନ କହିଲେ ଯେ, ତାଙ୍କ ଅନୁଷ୍ଠାନ ଭାରତର ସାମାଜିକ-ଅର୍ଥନୈତିକ ବିକାଶର ନିର୍ଦ୍ଦିଷ୍ଟ କ୍ଷେତ୍ରସହ ବିଦ୍ୟାଳୟ ଶିକ୍ଷା ଏବଂ ଶାସନଠାରୁ ଆରମ୍ଭ କରି ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଏବଂ ରପ୍ତାନି ପ୍ରତିଯୋଗିତା ପର୍ଯ୍ୟନ୍ତ କ୍ଷେତ୍ରଉପରେ ଗୁରୁତ୍ୱଦେଉଛି। ଟିସିଏଫର ସହଯୋଗୀ ଗଠନ ଗୁଡ଼ିକ ୧୩ରୁ ଅଧିକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରାଳୟକୁ ସହଯୋଗିତା କରୁଛନ୍ତି। ସଂଗଠନ ଏହାର ସହଯୋଗୀ ସଂସ୍ଥା ଫାଉଣ୍ଡେସନ୍ ଫର୍ ଇକୋନୋମିକ୍ ଡେଭଲପମେଣ୍ଟ ( ଏଫଇଡି), ଜରିଆରେ ଟେକ୍ସଟାଇଲ୍ ଓ ପୋଷାକ ଉତ୍ପାଦନ , ପର୍ଯ୍ୟଟନ ଓ ଶିଳ୍ପର ବିକାଶକୁ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛି, ଯାହାକି ରାଜ୍ୟ ପାଇଁ ଲାଭଦାୟକ ହେବ। ଏହାର ଅନ୍ୟତମ ସହଯୋଗୀପ୍ରସ୍ୱରିଟି, ଗୃହ ନିର୍ମାଣ ଏବଂ ଶ୍ରମ ଏବଂକର୍ମଚାରୀ ରାଜ୍ୟ ବୀମା ବିଭାଗ ସହ କାର୍ଯ୍ୟକରୁଛନ୍ତି ଯାହା ଶ୍ରମ ନିୟମାବଳୀ ପ୍ରଣୟନ ଓସଂସ୍କାରରେସହାୟକ ହୋଇପାରିବ। ସେହପରି ଏହାର ଅନ୍ୟ ଏକ ସହଯୋଗୀ ଏସଏସଏ କ୍ରୀଡ଼ାନୀତି ଓ ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ବିକାଶ ଲକ୍ଷ୍ୟ ହାସଲରେ ଉଲ୍ଲେଖନୀୟ ସହାୟତା ଦେବ। ସେହିପରି ଅନୁଷ୍ଠାନର ଅନ୍ୟ ଏକ ସହଯୋଗୀ ଉଦୈତି ମହିଳା ଅର୍ଥନୈତିକ ସଶକ୍ତୀକରଣ (ଡବ୍ଲୁଇଇ) ସୂଚକାଙ୍କ ପ୍ରସ୍ତୁତ କରିବା ଏବଂ ସେମାନଙ୍କ କାର୍ଯ୍ୟର ପ୍ରକୃତ ପରିସର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ମହିଳା ଓ ଶିଶୁ ବିଭାଗସହ କାର୍ଯ୍ୟ କରୁଛନ୍ତି ।

# ବଲାଙ୍ଗୀର ଜିଲ୍ଲା ଜଳସେଚନ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୧୨।୨ (ମହାଭାରତ):** ବଲାଙ୍ଗୀର ଜିଲ୍ଲାର ଜଳସେଚନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବିଶେଷ କରି ଅପର ଲନ୍ତ ଇରିଗେସନ ପ୍ରୋଜେକ୍ଟର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ ସମୟରେ ହୋଇଥିଲା। ଏହି ପ୍ରକଳ୍ପ ହେବା ଦ୍ୱାରା ସଂପୃକ୍ତ ଅଂଚଳରେ ଜଳସେଚନର ଅସୁବିଧା ରହିବ ନାହିଁ ଏବଂ ଏହାର ସର୍ବୋଚ୍ଚ ସୁଫଳ ଚାଷୀ ଭାଇ ଭଉଣୀ ପାଇବେ। ଏହି ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ଯୋଗଦେଇଥିଲେ।

ଜମି ଅଧିଗ୍ରହଣ, ଡ୍ୟାମ ତିଆରି, ଅଫିସ କାର୍ଯ୍ୟାଳୟ ଇତ୍ୟାଦିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ଏହି ପ୍ରକଳ୍ପର ଭୌଗଳିକ ରୂପରେଖ ନେଇ ବହୁ ଉପାଦେୟ ପରାମର୍ଶ ମଧ୍ୟ ପ୍ରଦାନ କରିବା ସହ ବିଶେଷକରି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସଫଳ ରୂପାୟନରେ ବାଧକ ସାଜୁଥିବା ଯେକୋଣସି ସମସ୍ୟା ଆପଣ ମାନେ ସିଧାସଳଖ ମୋ ସହ ଆଲୋଚନା କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ୨୦୨୭ ମସିହା ନଭେମ୍ବର ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବ ବୋଲି ଆକଳନ କରାଯାଇଛି। ଏହି ସମୀକ୍ଷା ବୈଠକରେ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜି ଇଶଲେୱର ଓଏଲଆଇସି ଏମଡି ଶ୍ରୀ ଆଲୋକ କର ଓ ଜଳସମ୍ପଦ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ୧୪ରୁ ଶ୍ରୀକ୍ଷେତ୍ରରେ ନିଖିଳ ଉତ୍କଳ ଦିବ୍ୟଜୀବନ ଆଧ୍ୟାତ୍ମିକ ସମ୍ମିଳନୀ

**ଭୁବନେଶ୍ୱର,୧୨।୨ (ମହାଭାରତ):** ଭାରତୀୟ ଧର୍ମସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାର ସହିତ ମାନବ ସମାଜକୁ ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଈଶ୍ୱର ସାକ୍ଷାତକାର ଆଦି ମହତ୍‌ବାଣୀରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ୩୮ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ ସମ୍ମିଳନୀର ଆୟୋଜନ କରାଯାଇଛି। ଚଳିତ ଫେବୃୟାରୀ ମାସ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଶ୍ରୀକ୍ଷେତ୍ର ପୁରୀସ୍ଥିତ ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ, ବାଲିଗୁଆଳିଠାରେ ଆୟୋଜିତ ହେଉଥିବା ଏହି ଦିବ୍ୟ ସମ୍ମିଳନୀରେ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟସେବକ ଦିବ୍ୟସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ଉପାଧ୍ୟକ୍ଷ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଦେଶର ବହୁ ବିଶିଷ୍ଟ ସାଧୁ, ସନ୍ଥ, ମହାତ୍ମା ଓ ଆଚାର୍ଯ୍ୟବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ମଙ୍ଗଳବାର ୟୁନିଟ୍-୨ ନମ୍ବରସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କୃଷ୍ଣାନାଦାସନନ୍ଦ ସରସ୍ୱତୀ ମହାରାଜ ଏବଂ ପୁରୀସ୍ଥିତ ଚିଦାନନ୍ଦ ଶାନ୍ତି ଆଶ୍ରମର ଟ୍ରଷ୍ଟି ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ଜୟଦେବ ଆଚାର୍ଯ୍ୟ ପ୍ରମୁଖ ଆଧ୍ୟାତ୍ମିକ ସମ୍ମିଳନୀ ବାବଦରେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ୧୯୩୬ ମସିହାରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ଦିବ୍ୟଜୀବନ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ ଧର୍ମ ସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରାଇବା। "ଭଲ ହୁଅ, ଭଲ କର, ଦୟାଳୁ ହୁଅ ଏବଂ ମୁଁ କିଏ ତାହାର ଅନୁସନ୍ଧାନ କର ଏବଂ ମାନବ ଜୀବନର ମହାନ୍ ଲକ୍ଷ୍ୟ ଆତ୍ମସାକ୍ଷାତକାର ଲାଭକର।"

# ନିରଞ୍ଜନଙ୍କ ଘରୁ ଚୋରି ମାମଲାର ଅଭିଯୁକ୍ତଗିରଫ

**ଭୁବନେଶ୍ୱର,୧୨।୨ (ମହାଭାରତ):** ଓଡ଼ିଶା କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନରୁ ଚୋରି ମାମଲାରେ କମିଶନରେଟ୍ ପୋଲିସ ଆଜି ଆନ୍ଧ୍ରପ୍ରଦେଶର ଜଣେ ଚୋରକୁ ଗିରଫ କରିଛି। ପୋଲିସ କମିଶନର ଏସ ଦେବ ଦତ୍ତ ସିଂହଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ବାସଭବନରେ ଚୋରି ମାମଲାରେ ଆନ୍ଧ୍ର ପ୍ରଦେଶର ଜଣେ କୁଖ୍ୟାତ ଚୋର 'ସ୍ପାଇଡର ଶକ୍ତି' ଓରଫ ଶକ୍ତି ରେଡ୍ଡି ନାମରେ ପରିଚିତ ଥିଲା। ଚୋର ଧନୀ ବ୍ୟକ୍ତିମାନଙ୍କୁ ଖୋଜିବା ଏବଂ ତାଙ୍କର ଅବୈଧ କାର୍ଯ୍ୟକଳାପ ଯୋଜନା କରିବା ପାଇଁ ଅନଲାଇନ୍ ସର୍ଚ୍ଚ ଟୁଲ୍ସ ବ୍ୟବହାର କରିଥିବା ଜଣାପଡିଛି। ତଦନ୍ତ ପରେ, କମିଶନରେଟ ପୋଲିସ ସ୍ପାଇଡର ଶକ୍ତିକୁ ଧରି ଚୋରି ହୋଇଥିବା ଜିନିଷଗୁଡ଼ିକ ଉଦ୍ଧାର କରିଛି। ପୋଲିସ କମିଶନର ଏସ ଦେବ ଦତ୍ତ ସିଂହ ପ୍ରକାଶ କରିଛନ୍ତି ଯେ ପୋଲିସ ୪୦୦ ରୁ ଅଧିକ ସିସି ଟିଭି କ୍ୟାମେରା ଯାଞ୍ଚ କରିଛି ଏବଂ ପ୍ରାୟ ୧୦,୦୦୦ ଫୋନ୍ ଲଗ୍ ସମୀକ୍ଷା କରିଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିବା ପାଇଁ ସେମାନେ ପ୍ରାୟ ୫୦ ଜଣଙ୍କ ପୃଷ୍ଠଭୂମି ଯାଞ୍ଚ ମଧ୍ୟ କରିଥିଲେ। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ କମିଶନରେଟ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା। ବରମୁଣ୍ଡା ଅଞ୍ଚଳରେ ସିସିଟିଭିରେ ଦେଖିବା ପରେ ପ୍ରାରମ୍ଭିକ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳସ୍ୱରୂପ, ସ୍ୱତନ୍ତ୍ର ଦଳଗୁଡ଼ିକ ତଦନ୍ତ ପାଇଁ ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା ସମେତ ପଡ଼ୋଶୀ ରାଜ୍ୟ ଏବଂ କେରଳରେ ଯାତ୍ରା କରିଥିଲେ। ସୂଚନା ଅନୁଯାୟୀ ଗତବର୍ଷ, ସନ୍ଦିଗ୍ଧ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କେରଳରେ ଜେଲରେ ରଖାଯାଇଥିଲା। ସେଠାରୁ ମୁକୁଳିବା ପରେ ସେ ନିଖୋଜ ଥିଲେ। ଏକ ଜଟିଳ ତଦନ୍ତ ପରେ, ସ୍ପାଇଡର ଶକ୍ତିକୁ ବିଜୟନଗରମରେ ଗିରଫ କରାଯାଇଥିଲା। ତାଙ୍କର ଚୋରି ପଦ୍ଧତିରେ ସହଜ ପ୍ରବେଶ ଯୋଗ୍ୟ ଘର ଖୋଜିବା, ସ୍ଲାଇଡିଂ ଡୋର ଥିବା ଘରଗୁଡ଼ିକୁ ପସନ୍ଦ କରିବା ଅନ୍ତର୍ଭୁକ୍ତ ଥିଲା। ରିପୋର୍ଟ ଅନୁଯାୟୀ ଅଭିଯୁକ୍ତଙ୍କ ନାମରେ ୭୦ଟି ଅପରାଧରେ ଜଡିତ।

# ବିକଶିତ ଓଡିଶାର ଲକ୍ଷ୍ୟ ହାସଲ ପାଇଁ ମାର୍ଗଦର୍ଶନ

**ଭୁବନେଶ୍ୱର,୧୨।୨ (ମହାଭାରତ):** ଓଡ଼ିଶାରେ ସହରାଂଚଳ ଶାସନକୁ ଅଧିକ କ୍ରିୟାଶିଳ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଏହାର ମାସିକ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଅଧ୍ୟକ୍ଷତା କରି, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସହରୀକରଣ ଏବଂ ସଂସ୍କାର ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଗଠନରେ ସେମାନଙ୍କର ପ୍ରୟାସକୁ ତୀବ୍ର କରିବାକୁ ପରାମର୍ଶ ଦେଇଛନ୍ତି।



ଶ୍ରୀମତୀ ପାଢୀ ସ୍ଥାୟୀ ସହରାଞ୍ଚଳ ବିକାଶକୁ ଆଗେଇ ନେବାରେ ଦକ୍ଷ ସାର୍ବଜନୀନ ସେବା ପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ସୁଲଭ ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହରୀ ଭିତିଭୂମି ଏବଂ ମୌଳିକ ସେବାକୁ ବୃଦ୍ଧି କରିବା, ୟୁଏଲବି ଗୁଡ଼ିକର ଆର୍ଥିକ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା, ରାସ୍ତା, ଜଳ ଯୋଗାଣ, ପରିମଳ ଏବଂ ସାଧାରଣ ସୁବିଧାରେ ଉନ୍ନତି ଆଣିବା ଦିଗରେ ବିଶେଷ ଦୃଷ୍ଟି ଦେବାକୁ କହିଛନ୍ତି। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ଯୁଗ୍ମ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସମସ୍ତ ୧୧୫ଟି ୟୁଏଲବି, ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା ଏବଂ ବିକାଶ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପ୍ରଗତି ସୁନିଶ୍ଚିତ କରିବା ପାଇଁ ସ୍ପଷ୍ଟ ସମୟସୀମା ସହିତ କାର୍ଯ୍ୟକ୍ଷମ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ବୈଠକରେ ଦକ୍ଷତା ବିକାଶ, ଡିଜିଟାଲ୍ ଶାସନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଉପରେ ଧ୍ୟାନ ଦେଇ ସଂସ୍କାର-ଚାଳିତ ସହରାଂଚଳ ପରିବର୍ତ୍ତନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଦିଆଯାଇଥିଲା। ଓଡ଼ିଶା ସହରାଞ୍ଚଳ ବିକାଶରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖି, ୟୁଏଲବି ଗୁଡ଼ିକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୌର ସେବାରେ ଉନ୍ନତି ପାଇଁ ତଥ୍ୟ-ଚାଳିତ ରଣନୀତି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଉଷା ପାଢୀ କହିଥିଲେ," ସହରୀକରଣ କେବଳ ସହର ବିସ୍ତାର କରିବା ନୁହେଁ ବରଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ଜୀବନଧାରଣ ମାନ ନିଶ୍ଚିତ କରିବା। ସଂସ୍କାର, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗୋଷ୍ଠୀସହଭାଗୀତା ଶାସନ ମାଧ୍ୟମରେ ଆମେ ଏକ ସ୍ଥିର ଏବଂ ସମୃଦ୍ଧ ସହରାଞ୍ଚଳ ଓଡ଼ିଶା ଗଠନ କରିବାକୁ ପ୍ରତିବଦ୍ଧ। ସମନ୍ୱୟକୁ ସୁଦୃଢ଼ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଦ୍ରୁତ ବିକାଶ ପ୍ରକଳ୍ପ ପାଇଁ ଏକ ସାମୂହିକ ସଂକଳ୍ପ ସହିତ ବୈଠକ ଶେଷ ହୋଇଥିଲା, ଯାହା ନିଶ୍ଚିତ କରିବ ଯେ ଓଡ଼ିଶା ଭିକ୍ସିତ୍ ଓଡ଼ିଶାର ଦୃଷ୍ଟିକୋଣ ଆଡ଼କୁ ନିର୍ଣ୍ଣାୟକ ଭାବରେ ଅଗ୍ରସର ହେଉଛି।

# ସିନେ ପ୍ରଯୋଜକଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର,୧୨।୨ (ମହାଭାରତ):** ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ଦର୍ଶନ ମ୍ୟୁଜିକର ପ୍ରତିଷ୍ଠାତା ଜ୍ଞାନରଂଜନ ପ୍ରିୟଦର୍ଶନଙ୍କର ଅକାଳ ବିୟୋଗ ଘଟିଛି। ହୃଦଘାତରେ ଆକ୍ରାନ୍ତ ହୋଇ ଗତକାଲି ରାତ୍ରିରେ ମାତ୍ର ୪୮ ବର୍ଷ ବୟସରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଏକମାତ୍ର ପୁତ୍ର ଲଣ୍ଡନରେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି। ଜ୍ଞାନରଞ୍ଜନଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ମୋତେ ବୋହୂକରି ନେଇ ଯା' ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା ଏବଂ ବିଦେଶରେ ଏହାର ସମସ୍ତ ସୁଟିଂ ଶେଷ ହୋଇଥିଲା। 'ଦର୍ଶନ'ମ୍ୟୁଜିକ୍ ମାଧ୍ୟମରେ ସେ ଅନେକ କଣ୍ଠଶିଳ୍ପୀଙ୍କ ପାଇଁ ପରିଚୟ ସୃଷ୍ଟି କରିଥିଲେ। ଜ୍ଞାନରଞ୍ଜନଙ୍କ ପରଲୋକରେ ସିନେକ୍ରିଟିକ୍ ଆସୋସିଏସନ୍ ଏବଂ 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ବୁଦ୍ଧ ମନ୍ଦିର ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ଡ. ତନ୍ମୟ ସ୍ୱାଇଁ, ଡ. ରଜନୀରଂଜନ, କେ.ସି. ସ୍ୱାଇଁ, ମଣ୍ଟୁ ସିଂ, ସମୀର ରାଉତ ପ୍ରମୁଖ ଯୋଗଦେଇ ତାଙ୍କର ଗୁଣାବଳୀ ଆଲୋଚନା କରିଥିଲେ। ପରଲୋକଗତ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# କୋକା-କୋଲା ଉପସ୍ଥାପନ କରୁଛି ଚତୁର୍ଥ ତ୍ରୈମାସିକର ସମ୍ପୂର୍ଣ୍ଣ ଫଳାଫଳ

**ଭୁବନେଶ୍ୱର,୧୨।୨ (ମହାଭାରତ):** କୋକା-କୋଲା କମ୍ପାନୀ ଏହାର ଚତୁର୍ଥ ତ୍ରୈମାସିକ ତଥା ୨୦୨୪ର ସମ୍ପୂର୍ଣ୍ଣ ଫଳାଫଳରେ ଅଭିବୃଦ୍ଧିର ସୁଯୋଗକୁ ନେଇ ଶିଳ୍ପ କ୍ଷେତ୍ରରେ ବିଶେଷ ମୁହୂର୍ତ୍ତର ପରିପୂରଣତାକୁ ଅଧିକ ଦୃଷ୍ଟି ପ୍ରଦାନ କରିଛି। "ଆମର ସମସ୍ତ ପାଣିପାଗ ରଣନୀତି ସଠିକ୍ ଭାବରେ କାର୍ଯ୍ୟ କରିଛି, ଏବଂ ଆମେ ନିରବଚ୍ଛିନ୍ନ ଭାବରେ ଆମର ସ୍ଥିରତାକୁ ପ୍ରଦର୍ଶିତ କରିବା ସହିତ ଏକ ଗତିଶୀଳ ଆଭ୍ୟନ୍ତରିଣ ପରିବେଶ ଜରିଆରେ ଆଗକୁ ବଢ଼ି ପାରିଛୁ" କହିଛନ୍ତି, ଜେମସ କ୍ୱିନସି, ଅଧ୍ୟକ୍ଷ ତଥା ସିଇଓ, କୋକା- କୋଲା କମ୍ପାନୀ। ସେ ଆହୁରି ମଧ୍ୟ ସାମିଲ କରି କହିଛନ୍ତି, "ଆମର ବିଶ୍ୱସ୍ତରୀୟ ମାନଦଣ୍ଡ, ଏଥିରେ ଯୋଡ଼ି ହୋଇଥିବା ସ୍ଥାନୀୟ ବଜାର ତଥା ଏହାର ପାରଦର୍ଶିତା ଏବଂ ଏଥି ସହିତ ଆମର ଲୋକମାନଙ୍କର ତଥା ଆମ ସମ୍ପୂର୍ଣ୍ଣ ପ୍ରଣାଳୀର ଅବିସ୍ମରଣୀୟ ସମର୍ପଣ ଭାବ ଆମକୁ ଏକ ଅନନ୍ୟ ସ୍ତରକୁ ନେଇ ଯାଇଛି ଆଗରେ ବିଦ୍ୟମାନ ଏକ ବିଶାଳ ସୁଯୋଗକୁ ଧରି ରଖିବା ପାଇଁ।" ଜାନୁୟାରୀ, ଫେବୃୟାରୀ ଏବଂ ଡ଼ିସେମ୍ବର ୨୦୨୪ରେ କମ୍ପାନୀ ଭାରତର କେତେକ ଅଂଚ଼ଳରେ ରହିଥିବା ଆମର ବଟଲିଙ୍ଗ କାର୍ଯ୍ୟଧାରାକୁ ପୁନଃଅଧିକୃତ କରିଛି। ତିନିମାସ ମଧ୍ୟରେ ଏବଂ ଡ଼ିସେମ୍ବର ୩୧,୨୦୨୪ ବର୍ଷର ଶେଷରେ କମ୍ପାନୀ ରେକର୍ଡ଼ ସଂଖ୍ୟକ ଲାଭ କରିଛି ଯଥାକ୍ରମେ ୧୩ ମିଲିୟନ ପାଉଣ୍ଡ ଏବଂ ୩୦୩ ମିଲିୟନ ପାଉଣ୍ଡ ହିସାବରେ ଯାହାକି କମ୍ପାନୀର କେତେକ ଅଂଚ଼ଳରେ ରହିଥିବା ଏହାର ବଟଲିଙ୍ଗ କାର୍ଯ୍ୟଧାରାର ପୁନଃଅଧିକୃତ ସମ୍ପର୍କିତ।

# କର୍ମ କରିବା ଫଳ ପାଇଁ ଆଶା କରିବା ନାହିଁ

**ଭୁବନେଶ୍ୱର,୧୨।୨ (ମହାଭାରତ):** ଜଣେ ନଜକୁ ଗରିବର ସ୍ଥାନରେ ନରଖିରେ ସେ ଗରିବର ଦୁଃଖ




ବୁଝି ପାରିବ ନାହିଁ, ମୁଁ ଯାହା ହୋଇଛି ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଓ ଗରିବ ରୋଗୀ ମାନଙ୍କର ଶୁଭେଚ୍ଛାରୁ ହୋଇଛି ଓ ନିଜେ ନିଜର କର୍ମ କରି ଚାଲିବା ଫଳକୁ ଆଶା କରିବା ନାହିଁ ବୋଲି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଡାକ୍ତର ଅଶୋକ କୁମାର ମହାପାତ୍ର ସମ୍ବର୍ଦ୍ଧନାର ଉତ୍ତର ଦେଇ କହିଥିଲେ । ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ମିଳନୀର ଅନ୍ୟତମ ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ କହିଥିଲେ ଯେ, ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଅତି କମରେ ପଦ୍ମଭୂଷଣ ପୁରସ୍କାର ମିଳିବା ଆବଶ୍ୟକ, ପଦ୍ମଶ୍ରୀ ପୁରସ୍କାର ତାଙ୍କ ପାଇଁ ଛୋଟ ହୋଇଗଲା । ସମ୍ମାନିତ ଅତିଥୀ ଭାବେ ସୀତାବଲ୍ଲଭ ମହାପାତ୍ର ଯୋଗଦେଇ ଡାକ୍ତର ମହାପାତ୍ରଙ୍କ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ବୈଠକର ଆରମ୍ଭରେ କୋଷାଧକ୍ଷା ସୌଦାମିନୀ ସାମନ୍ତରାୟଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପରେ ସମ୍ମିଳନୀର ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା । ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିବା ବେଳେ ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଅତିଥୀ ପରିଚୟ ପ୍ରଦାନ କରିଥିଲେ ।

# ସାମସଙ୍ଗ ଟିଭି ପ୍ଲସ ଇଣ୍ଡିଆ ଓ୍ୱାରନର ୫ ଚାନେଲ ଶୁଭାରମ୍ଭ

**ଭୁବନେଶ୍ୱର,୧୨।୨ (ମହାଭାରତ):** ସାମସଙ୍ଗ ଟିଭି ପ୍ଲସ, ଭାରତରେ ଏହି ବ୍ରାଣ୍ଡର ବିଜ୍ଞାପନ ମୁକ୍ତ ସମର୍ଥିତ ପ୍ରଦାନକାରୀ ଟିଭି (ଏଫଏଏସଟି) ସେବା, ଓ୍ୱାରନର ବ୍ରସର ମିଳିତ ସହଯୋଗରେ ୫ଟି ନୂତନ ଏଫଏଏସଟି ଚାନେଲ ଏକ୍ସକ୍ଲୁଜିଭ ଭାବରେ ସାମସଙ୍ଗ ଟିଭି ପ୍ଲସରେ ଶୁଭାରମ୍ଭ କରିଛି। ଡ଼ବ୍ଲୁଟିଭି ଚାନେଲ ପ୍ରିମିୟମ କଥା କାହାଣୀର ଉପସ୍ଥାପନ କରିବା ସହିତ ଦର୍ଶକମାନଙ୍କୁ ଆକର୍ଷଣ ପ୍ରଦାନ କରିବ, ଉଚ୍ଚମାନର ଚାହିଦାକୁ ପରିପୂରଣ କରିପାରିବ ଏଥି ସହିତ ବିଜ୍ଞାପନ ମୁକ୍ତସମର୍ଥିତ ଆମୋଦ ପ୍ରମୋଦ ମଧ୍ୟ ପ୍ରଦାନ କରିବ। ହିନ୍ଦୀ କାର୍ଯ୍ୟକ୍ରମକୁ ଅଧିକ ପ୍ରାଧାନ୍ୟ ଦେବା ସହିତ ଏହିଏଫଏଏସଟି ଚାନେଲ ଉଭୟ ଆଂଚଳିକ ଏବଂ ଗ୍ରାମାଂଚଳ ଦର୍ଶକ ମାନଙ୍କୁ ମନୋରଞ୍ଜନ ତଥା ବାନ୍ଧି ରଖିବାରେ ସହାୟକ ହୋଇପାରିବ।

ସାମସଙ୍ଗ ଟିଭି ପ୍ଲସ ଏକ ମୁକ୍ତ ସମର୍ଥିତ ସେବା ପ୍ରଦାନକାରୀ ଅଟେ ଯାହା ସାମସଙ୍ଗ ସ୍ମାର୍ଟ ଟିଭିରେ ପ୍ରି-ଇନଷ୍ଟଲ ହୋଇଛି ଯାହାକି ଅନେକ ଗୁଡ଼ିଏ ଚାନେଲ କିଛି ବଛା ବଛା ଦେଶକୁ ପ୍ରଦାନ କରୁଛି ଯାହା ମଧ୍ୟରେ ରହିଛି ସମ୍ବାଦ, ଖେଳ, ମନୋରଞ୍ଜନ ତଥା ଆହୁରି ଅନେକ କିଛି।

କୁନାଲ ମେହେଟ୍ଟା, ମୁଖ୍ୟ ସହଭାଗୀତା ଏବଂ ବିଜିନେସ୍ ଡ଼େଭଲପମେଂଟ, ସାମସଙ୍ଗ ଟିଭି ପ୍ଲସ ଇଣ୍ଡିଆ, କହିଛନ୍ତି "ଆମେ ଅତି ଉତ୍କଣ୍ଠାର ସହିତ ଓ୍ୱାରନର ବ୍ରସକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛୁ। ଟେଲିଭିଜନରୁ ନେଇ ସାମସଙ୍ଗ ଟିଭି ପ୍ଲସ ପର୍ଯ୍ୟନ୍ତ ଏଫଏଏସଟିରେ ନେତୃତ୍ୱ ମଣ୍ଡଳୀ ଭାବରେ ଆମେ ଉଚ୍ଚ ସ୍ତରର ପ୍ରସଙ୍ଗ ଦର୍ଶକ ମାନଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ବଚ଼ନବଦ୍ଧ। ଏହି ସହଭାଗୀତା ଆମୋଦ ପ୍ରଦାନର ଚାହିଦାକୁ ଅଧିକ ବ୍ୟାପକ କରିବା ସହିତ ମୂଲ୍ୟଯୁକ୍ତ ପ୍ରାସଙ୍ଗିକ ପୂର୍ଣ୍ଣ ବିଷୟବସ୍ତୁକୁ ଦର୍ଶକଙ୍କ ନିକଟରେ ରଖିବା ସହିତ - ବିଜ୍ଞାପନଦାତାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବ।" ଅପରାଧିକ କାର୍ଯ୍ୟକ୍ରମ ପାଇଁ ରହିଥିବା ଆଗ୍ରହୀ ଗ୍ରହଣକାରୀ ଦର୍ଶକମାନଙ୍କୁ ଏହା ଚ଼ମତ୍କାରୀ ଡ୍ରାମା ତଥା ଅପରାଧର ବିଭିନ୍ନ ତଦାରଖକାରୀତାକୁ ହିନ୍ଦୀ ମାଧ୍ୟମରେ ଏକାଠି କରି ପ୍ରଦର୍ଶିତ କରିପାରିବ। ବିଭିନ୍ନ ପ୍ରକାରର ଲୋକପ୍ରିୟ ଫୁଡ଼ ଶୋ' ଖାଦ୍ୟ ସାମଗ୍ରୀ ତଥା ଗ୍ୟାସଷ୍ଟ୍ରୋନମିକ୍ ଯାତ୍ରାକୁ ଅତି ସୁନ୍ଦର ତଥା ଦୁଃସାହସିକ ଭାବରେ ହିନ୍ଦୀରେ ଫୁଟାଇବାରେ ଏହା ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବ।

# ପୋଲିସ ପ୍ରତି ଭୟ

ବ୍ରିଟିଶ ଶାସକ ମାନେ ଅନେକ କଥା ଶିଖାଇଯାଇଛନ୍ତି ଯାହାର ଗୁରୁତ୍ୱ ଏବେ ବି ରହିଛି। ବ୍ରିଟେନର ଉଚ୍ଚ ଗଣତାନ୍ତ୍ରିକ ପରମ୍ପରା ଭାରତୀୟ ଗଣତନ୍ତ୍ର ତୁଳନାରେ ଯଥେଷ୍ଟ ଭଲ। ଅନେକଙ୍କ ମତରେ ବ୍ରିଟିଶ ଶାସନ କାଳରେ ପୋଲିସ ଯେପରି ଭୟ ଏବଂ ଆତଙ୍କର ପ୍ରତୀକ ଥିଲା ତାହା ଏବେ ବି ଅନେକାଂଶରେ ଜାରି ରହିଛି। ସ୍ୱାଧୀନ ଭାରତରେ ଲୋକେ ଏବେ ବି ଥାନାକୁ ଯିବାକୁ, ଖାକି ପୋଷାକକୁ ଡରୁଛନ୍ତି। ପୋଲିସ ସାମାନ୍ୟ ସୁଯୋଗ ପାଇଲେ ନିଜ କ୍ଷମତାର ଦୁରୂପଯୋଗ କରୁଛି। ଅନେକ ପୋଲିସ ଅଧିକାରୀ, ଏପରିକି ଟ୍ରାଫିକ କନଷ୍ଟେବଲ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ଉବୁଟୁବୁ। ପ୍ରଭାବଶାଳି, କ୍ଷମତାଶାଳୀ, ଧନଶାଳୀ ବ୍ୟକ୍ତି ପୋଲିସକୁ ନିଜ ହାତ ମୁଠାରେ ରଖୁଛନ୍ତି। ଅନେକ ନେତା, ମନ୍ତ୍ରୀ, ଅଫିସର ପୋଲିସକୁ ନିଜ ବ୍ୟକ୍ତିଗତ ସୁରକ୍ଷାରେ ବ୍ୟବହାର କରୁଛନ୍ତି। ପ୍ରଭାବଶାଳି ଲୋକଙ୍କ ବିରୋଧରେ ଅଭିଯୋଗ ଆସିଲେ ପୋଲିସ ସେମାନଙ୍କୁ ଗିରଫ କରିବା ଦୂରର କଥା, ସେମାନଙ୍କୁ ଥାନାକୁ ଡାକିବାକୁ ମଧ୍ୟ ଭୟ କରୁଛି। ଯଦି କୌଣସି କ୍ଷମତାଶାଳି ବ୍ୟକ୍ତି ବା ରାଜନେତା ଗିରଫ ହୋଇ ଜେଲ ଯାଉଛନ୍ତି, ତାଙ୍କୁ ଜେଲରେ ସବୁ ପ୍ରକାର ରାଜକୀୟ ସୁବିଧା ସୁଯୋଗ ମିଳୁଛି। ଅନ୍ୟ ପକ୍ଷରେ ଅନେକ ସମୟରେ ନିରୀହ ନିରପରାଧ ବ୍ୟକ୍ତି ଥାନାକୁ ଗଲେ ସହଜରେ ଘରକୁ ଫେରିପାରୁନି। ସାମାନ୍ୟ ଅଭିଯୋଗରେ ପୋଲିସ ଥାନାରେ ଅଟକ ରଖିଥିବା ବ୍ୟକ୍ତିଙ୍କୁ ଅକଥନୀୟ ନିର୍ଯାତନା ଦେବାର ନଜିର ରହିଛି। ତେଣୁ ଆଜି ବି ସାଧାରଣରେ ପୋଲିସ ପ୍ରତି ଏକପ୍ରକାର ଘୃଣା ଏବଂ ଭୟ ଭାବେ ରହିଛି। ଆଦିବାସୀ ଅଞ୍ଚଳରେ ମାଓବାଦୀ ବା ବାମପନ୍ଥୀ ଉଗ୍ରବାଦୀମାନେ ଏଥିପାଇଁ ପୋଲିସକୁ ଟାର୍ଗେଟ କରୁଛନ୍ତି। ମାଓବାଦୀଙ୍କ ବିସ୍ଫୋରଣରେ ଅନେକ ସମୟରେ ପୋଲିସ ବା ସୁରକ୍ଷା କର୍ମୀ ପ୍ରାଣ ହରାଉଛନ୍ତି। ତେଣୁ ଅନେକ ସମୟରେ ପୋଲିସ ପ୍ରତି ଲୋକଙ୍କ ଧାରଣା ବା ଭୟ ଦୂର କରିବା ନିମନ୍ତେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୋଲିସକୁ ଶତ୍ରୁ ନୁହେଁ, ନିଜର ବନ୍ଧୁ ବୋଲି ବିଚାର କରିବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ପୋଲିସକୁ ଅପରାଧ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ବଜାୟ ରଖିବାରେ ସାହାଯ୍ୟ କରିବାକୁ ଲୋକଙ୍କୁ ବୁଝାଯାଉଛି। ପୋଲିସ ଯାହା କରୁଛି ତାହା ନିଜର ବ୍ୟକ୍ତିଗତ ଫାଇଦା ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କରୁଛି। ଯଦି ପୋଲିସ ନଥାନ୍ତା ତେବେ ଶାନ୍ତିରେ ବଂଚିବା ଏବଂ ସୁରକ୍ଷିତ ଜୀବନ ଯାପନ ଆମ ପାଇଁ ସମ୍ଭବ ହୁଅନ୍ତା ନାହିଁ। ସ୍ଥିତିରେ ଧିରେ ଧିରେ ପରିବର୍ତ୍ତନ ଆସୁଛି। ଲୋକେ ସଚେତନ ହେଉଛନ୍ତି। ପୋଲିସର ଆଚରଣ ଏବଂ ସାଧାରଣ ଲୋକଙ୍କ ପ୍ରତି ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସୁଛି। ତେବେ ଏହା ଯେତିକି ଭଲ ସେତିକି ଖରାପ ମଧ୍ୟ। ଓଡ଼ିଆରେ ଗୋଟିଏ କଥା ଅଛି ଆଙ୍ଗୁଠି ଦେଖାଇଲେ ବାହା ଗିଳିଦେବା। ଏବେ ପୋଲିସ ପ୍ରତି ଲୋକଙ୍କ ଭୟ ଧିରେ ଧିରେ ଦୂର ହେଉଛି ସତ, ମାତ୍ର ଏହା ସହିତ ଅପରାଧର ମାତ୍ରା ମଧ୍ୟ ବଢ଼ିଚାଲିଛି। ଅନେକ ସମୟରେ ପୋଲିସକୁ ଅପରାଧିଙ୍କ ମାଡ଼ ବା ମରଣାନ୍ତକ ଆକ୍ରମଣ ଏବଂ ଆଇନ ଭଙ୍ଗକାରୀ ପୋଲିସକୁ ପାଲଟା ଆକ୍ରମଣ କରିବା ଦେଖାଯାଉଛି। କେଉଁଠି ପୋଲିସ ଉପରେ ପଥର ମାଫିଆ ଆକ୍ରମଣ କରୁଥିବା ବେଳେ କେଉଁଠି ପୋଲିସର ବାରଣ ନମାନି ଡିଜେ ବଜାଉଥିବା ଲୋକ ପୋଲିସ ଗାଡ଼ି ଭଙ୍ଗାରୁଜା କରୁଛନ୍ତି। ଅନେକ ସମୟରେ ରାସ୍ତାରେ ନିୟମ ନମାନି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବ୍ୟକ୍ତି ବା ନିଶା ବେପାରୀ ମଧ୍ୟ ପୋଲିସକୁ ଆକ୍ରମଣ କରୁଛନ୍ତି। କେତେକ ସ୍ଥାନରେ ପୋଲିସ କର୍ମଚାରୀ ହତ୍ୟାର ଶିକାର ମଧ୍ୟ ହେଉଛନ୍ତି। ପୋଲିସ ପ୍ରତି ଲୋକଙ୍କ ଭୟ ଦୂର ହୋଇଯିବାର ଏହା ହେଉଛି ପରିଣାମ।

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।*

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

**ପୂର୍ବତନ ଡିଏଫଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ଆଇନର ଭାଷାରେ ଲିଙ୍ଗ ନିରପେକ୍ଷତାର ପ୍ରୟାସ

**॥ ଯୁଧିଷ୍ଠିର ମହାରଣା ॥**

ଲିଙ୍ଗଗତ ପରିଚୟ ପୁରୁଷ ବା ମହିଳା, ଏହି ଦ୍ୱୈତ ବର୍ଗୀକରଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଆଜି ଏକ ବ୍ୟାପକ ସାମାଜିକ କ୍ଷେତ୍ରରେ ଅସ୍ତିତ୍ୱ ଜାହିର କରୁଛି। ସମୟକ୍ରମେ ଏହାର ବିବର୍ତ୍ତନ ଘଟିବ। ଏକଥାଟି ଲେଖାଯାଇଛି ସୁପ୍ରିମକୋର୍ଟ ଦ୍ୱାରା ସଦ୍ୟ ଲୋକାର୍ପିତ ହୋଇଥିବା ଅଦାଲତ ସମୂହ ପାଇଁ ଉଦ୍ଦିଷ୍ଟ ଲିଙ୍ଗ ନିରପେକ୍ଷ ଶବ୍ଦକୋଷରେ। ଏହି ଶବ୍ଦକୋଷରେ ମହିଳା ମାନଙ୍କ ପ୍ରତି ନ୍ୟାୟପାଳିକାରେ ବିଚାରପତିମାନେ ଯେଉଁ ଧରାବନ୍ଧା ଶବ୍ଦାବଳୀମାନ ବ୍ୟବହାର କରୁଥିଲେ, ତାହାକୁ ବଦଳାଇବାର ସୁପାରିସ ରହିଛି। ଏକାଧିକ ହାଇକୋର୍ଟର ବିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଲିଙ୍ଗ ନିରପେକ୍ଷ ଶବ୍ଦକୋଷକୁ ସ୍ୱୟଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଆବଶ୍ୟକ ଦିଗଦର୍ଶନ ଦେବା ସହିତ ଏହାର ସମ୍ପାଦନା ମଧ୍ୟ କରିଛନ୍ତି।

ଏହି ବହି ଖଣ୍ଡିକ ଏବେ ସାର୍ବଜନୀନ ହେବା ପରେ ବିଚାରପତି ମାନଙ୍କୁ ମହିଳାମାନଙ୍କ ସମ୍ପର୍କରେ ବ୍ୟବହାର କରୁଥିବା ନିଜର ଭାଷା ପ୍ରତି ଅଧିକ ସଚେତନ ରହିବା ପଡ଼ିବ। ଆଗରୁ ମହିଳା ମାନଙ୍କୁ ରକ୍ଷଣଶୀଳ ପୁରୁଷପ୍ରଧାନ ସମାଜ ଯେଉଁସବୁ ନାମ ଦେଇ ବର୍ଗୀକୃତ କରିଥିଲା, ତାହା ଆଉ ଚଳିବ ନାହିଁ। ଉଦାହରଣ ସ୍ୱରୂପ ଅବିବାହିତ ମହିଳାମାନଙ୍କୁ ଆଗରୁ ଇଂରାଜୀରେ ସ୍ପିନଷ୍ଟର ବୋଲି ଯାହା କୁହାଯାଉଥିଲା, ତାହାର ପୁନରାବୃତ୍ତି ଆଉ ଅଦାଲତର ଭାଷାରେ ହେବନାହିଁ। ଯେଉଁ ଯୁବତୀ ବା ମହିଳା ବିବାହ କରି ନାହାନ୍ତି, ସେମାନଙ୍କ ଅବିବାହିତ ବା ଅନମ୍ୟାରେଡ଼ ବୋଲି ବିଚାରପତି ଉଲ୍ଲେଖ କରିବେ। ସେହିଭଳି ମିଷ୍ଟ୍ରେସ୍ ଶବ୍ଦ ପରିବର୍ତ୍ତେ ପୁରୁଷଙ୍କ ସହିତ ବିବାହ ବହିର୍ଭୂତ ଦୈହିକ ସମ୍ପର୍କ ରକ୍ଷାକାରୀ ମହିଳା ବୋଲି କୁହାଯିବ, କାରଣ ମିଷ୍ଟ୍ରେସକୁ ଅନେକ ରକ୍ଷିତା ଭାବେ ବିଚାର କରନ୍ତି। କେବଳ ସେତିକି ନୁହେଁ ଏବେ ଗଣିକା ମାନଙ୍କୁ ଯୌନକର୍ମୀ ଇଭଟିଜିଂକୁ ଷ୍ଟ୍ରିଟ ସେକସୁଆଲ ହାରାସମେଣ୍ଟ ବା ରାସ୍ତାଘାଟରେ ଯୌନ ନିର୍ଯାତନା ଭାବେ ଉଲ୍ଲେଖ କରାଯିବ। ଏହାଛଡ଼ା ତୃତୀୟଲିଙ୍ଗ ବର୍ଗରେ ଏଲଜିବିଟି କ୍ୟୁ+ ସମୁଦାୟକୁ ରଖି ଏହି ଶବ୍ଦକୋଷରେ ଲିଙ୍ଗ ବର୍ଣ୍ଣନାର ଉଦାରତା ପ୍ରଦର୍ଶନ କରାଯାଇଛି।

ଆମର ବିଡ଼ମ୍ବନା ହେଲା ମହିଳା ମାନଙ୍କୁ ଆମ ସମାଜ ବିଭିନ୍ନ ପ୍ରକାର ପରିଚୟ ଦେଇଆସିଛି ଏବଂ ସେଥିମଧ୍ୟରୁ ଅନେକ ଅଶୋଭନୀୟ ଓ କଟୁକ୍ତିର ପରିଚାୟକ। ସତୀ, ଅସତୀ, ବେଶ୍ୟା, ବାରବଧୂ, ରକ୍ଷିତା, ଅକ୍ଷତଯୋନୀ ଓ ଆହୁରି କେତେ କଣ ଶବ୍ଦ ସବୁ ରହିଛି ଯାହା ଏକ ଲିଙ୍ଗଗତ କାଳିମା। ହାଉସୱାଇଭ ଓ ଇଭଟିଜିଂ ଆଦି ଶବ୍ଦର ଆଖିବୁଜା ବ୍ୟବହାର ମଧ ହୋଇଆସୁଛି। ଦୁର୍ଭାଗ୍ୟର ବିଷୟ ହେଲା ସମୟକ୍ରମେ ଆମ ନ୍ୟାୟପାଳିକା ଓ ନ୍ୟାୟବିଧିରେ ସେସବୁ ଶବ୍ଦର ଇଂରାଜୀ ସ୍ଲାଙ୍ଗ ନାମ ସବୁ ରହିଛି ଏବଂ ଧରାବନ୍ଧା ଭାବେ ଆମ ନ୍ୟାୟମୂର୍ତ୍ତିମାନେ ଏସବୁ ଶବ୍ଦକୁ ବ୍ୟବହାର କରି ଆସୁଛନ୍ତି। କେବଳ ସେତିକି ନୁହେଁ, ତୃତୀୟ ଲିଙ୍ଗର ମଣିଷମାନଙ୍କୁ ସମାଜରେ ମାଇଚିଆ, ହିଂଜଡ଼ା ଓ ଆଉ ବିଭିନ୍ନ ପ୍ରକାର ଅଶୋଭନୀୟ ନାମରେ ସମ୍ବୋଧନ କରାଯାଇଆସୁଛି। ଆଜି ପର୍ଯ୍ୟନ୍ତ ଏଥିପ୍ରତି କେହି ଏତେଟା ସଚେତନ ହେଉ ନଥିଲେ। ମହିଳା ବିଚାରପତିମାନେ ମଧ ସେହି ଗଡ଼ଳିକା ପ୍ରବାହରେ ଚାଲିଆସୁଥିଲେ। ମହିଳା ସଶକ୍ତୀକରଣ, ଲିଙ୍ଗଗତ ନ୍ୟାୟ ଓ ସଚେତନତା ଏବେ ଗୁରୁତ୍ୱ ପାଉଛି। ତେଣୁ ଆଇନ ଓ ବିଚାର ବ୍ୟବସ୍ଥା ମଧ ଏହାର ଉଚ୍ଚାରଣ ଓ ଆଚରଣରେ ଲିଙ୍ଗ ନିରପେକ୍ଷ ହେବା ଉଚିତ। ବଡ଼କଥା ହେଲା ଆମ ବିଚାରପତିମାନେ ଏହି ପରିପ୍ରେକ୍ଷୀରେ ନିଜ କ୍ଷେତ୍ରରେ ଯେଉଁ ତ୍ରୁଟି କରି ଆସୁଥିଲେ, ତାହାକୁ ନିଜେ ବିଚାର କରି ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏହା ନିଶ୍ଚିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ସ୍ୱାଗତଯୋଗ୍ୟ। ଏହି ନୂଆ ଶବ୍ଦକୋଷ ବିଚାରପତି ମାନଙ୍କୁ ନ୍ୟାୟ ପ୍ରଦାନ ସମୟରେ ବିଶେଷ ସାହାଯ୍ୟ କରିବ। ଏହାଦ୍ୱାରା ମଧ ବୈଧାନିକ ଆଲୋଚନା, ପର୍ଯ୍ୟାଲୋଚନା ଓ ତର୍ଜମା କାଳରେ ମହିଳା ତଥା ତୃତୀୟଲିଙ୍ଗର ଲୋକାମାନଙ୍କୁ ଅତିକମରେ ଧରାବନ୍ଧା ଭାବେ ଚିହ୍ନଟ ବା ଚିତ୍ରିତ ନକରି ମର୍ଯ୍ୟାଦାର ସହ ଉପସ୍ଥାପନ କରିବାର ଏକ ନୂଆ ସ୍ୱାଗତଯୋଗ୍ୟ ଧାରା ଆରମ୍ଭ ହେବ। ଏହି ଶବ୍ଦକୋଷରେ ୪୩ ଲିଙ୍ଗଗତ ଦୃଷ୍ଟିରୁ ଅନୁପଯୁକ୍ତ ଶବ୍ଦ ସ୍ଥାନ ପାଇଛି ଏବଂ ବିଚାରପତିମାନଙ୍କ ପାଇଁ ଏହା ଏକ ମାର୍ଗଦର୍ଶନ ପୁସ୍ତକ ବା ହ୍ୟାଣ୍ଡବୁକ୍ ଭାବେ କାର୍ଯ୍ୟ କରିବ। ସେମାନେ ନିଜର ନିର୍ଦ୍ଦେଶ, ରାୟ ଶୁଣାଣି ସମୟରେ ସମ୍ପୃକ୍ତ ନିଷିଦ୍ଧ ଶବ୍ଦର ବ୍ୟବହାରକୁ ବନ୍ଦ କରିବାକୁ ଯଥାସାଧ ଚେଷ୍ଟା କରିବେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ପ୍ରଥମେ ନିଜକୁ ନିରୀକ୍ଷଣ କରି ପ୍ରତିକାର ବ୍ୟବସ୍ଥା କରିଛି। ଏହି ବିଶୋଧନ ପ୍ରୟାସ ସ୍ୱାଗତଯୋଗ୍ୟ। ପ୍ରଧାନ ବିଚାରପତି ଯଥାର୍ଥରେ କହିଛନ୍ତି ଯେ ଆଇନ ଓ ବିଚାର କ୍ଷେତ୍ରରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଚାରପତି ଓ ଆଇନଜୀବୀମାନେ ମାମଲା ପରିଚାଳନା ଓ ରାୟ ଶୁଣାଇବା, ଲେଖିବା ସମୟରେ ଏମିତି ଅନେକ ଶବ୍ଦ ଓ ରୁଢ଼ି ବ୍ୟବହାର କରନ୍ତି, ଯାହା ବହୁ ପ୍ରାଚୀନ ଏବଂ ବହୁଳ ପ୍ରଚଳିତ ହେବା ସତ୍ତ୍ୱେ ଲଙ୍ଗଗତ ଦୃଷ୍ଟିରୁ ନିରପେକ୍ଷ ନୁହେଁ। ଏହାପଛରେ ପୁରୁଷପ୍ରଧାନ ସମାଜର କ୍ରୁର ପରମ୍ପରା ନିହିତ। ତେଣୁ ଗଣିକା, ପତିଶ, ଦୁଶ୍ଚରିତ୍ରା, ରକ୍ଷିତା, ଜାରଜ, ଉତ୍ତେଜକ ପୋଷାକ ଭଳି କେତେକ ଶବ୍ଦକୁ ଆଉ ରାୟ ପ୍ରଦାନ ଓ ଶୁଣାଣି ସମୟରେ ବ୍ୟବହାର କରାଯିବ ନାହିଁ ବୋଲି ଏହି ନୂତନ ହ୍ୟାଣ୍ଡବୁକ୍ ମାଧମରେ ସ୍ପଷ୍ଟ କରିଦିଆଯାଇଛି। ଉଚ୍ଚତମ ବିଚାରାଳୟର ଏହି ପ୍ରୟାସକୁ ଆମେ ସ୍ୱାଗତ କରୁଛୁ ଏବଂ ଏହାକୁ ଆମ ନ୍ୟାୟପାଳିକା ସର୍ବାନ୍ତକରଣରେ ପାଳନ କରିବେ ବୋଲି ଆମର ଆଶା ଓ ବିଶ୍ୱାସ। ତେବେ ଇଂରାଜୀରେ ରାୟ ପ୍ରଦାନ ବେଳେ ଯେତେବେଳେ ଏହାର ଅନୁବାଦ ଅନ୍ୟ ଭାଷାରେ ପ୍ରକାଶ ପାଉଛି, ସେଥିରେ ମଧ ଅନୁରୂପ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏଥିପାଇଁ ଆମ ଗଣମାଧମର ଦାୟିତ୍ୱ ବେଶ ଅଧିକ। ଆଇନର ଭାଷାରେ ଯଦି ଲିଙ୍ଗ ବୈଷମ୍ୟର ନିର୍ଦ୍ଦିଷ୍ଟ ସଂସ୍କାର ଅଣାଯାଏ, ତେବେ ତାହା କ୍ରମେ ଶାସନ ଓ ପ୍ରଶାସନର ଭାଷାରେ ପ୍ରତିଫଳିତ ହୁଏ ଏବଂ ପରବର୍ତ୍ତୀ ସମୟରେ ସାମାଜିକ ଚଳଣିରେ ମଧ ଲିଙ୍ଗ ବୈଷମ୍ୟ ହ୍ରାସ ପାଇ ଶାଳୀନ ଉଚ୍ଚାରଣ ବୃଦ୍ଧି ପାଏ। ଭାରତର ପ୍ରଧାନ ବିଚାରପତି ଏ ଯେଉଁ ଅଭିନବ ପଦକ୍ଷେପ ନେଇଛନ୍ତି ତାହା ନିଶ୍ଚୟ ଏକ ବୈପ୍ଳବିକ ପ୍ରୟାସ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଦେହର ଯତ୍ନ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଡାକ୍ତରମାନେ ସ୍ୱୀକାର କରନ୍ତି ଯେ କୁଖାଦ୍ୟ ଖାଇବାର ଅଭ୍ୟାସ ଓ ଅସଙ୍ଗତ ଭାବରେ ଅବସର କାଟିବା ରୋଗର କାରଣ। ମାତ୍ର ସେମାନେ ବୋଧହୁଏ ଜାଣନ୍ତି ନାହିଁ ଯେ ‘ଖାଦ୍ୟ’ ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ। ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଆମେ ବେଳେ ବେଳେ ‘ଚିନ୍ତାର ଖୋରାକ’ ବୋଲି କହିଥାଉ। ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି। କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇଯାଆନ୍ତି। ଗୋଟିଏ ଦୁଃସମ୍ବାଦ ମଧ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ। ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମାଞ୍ଚ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା। ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ। ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ। ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର। ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ। ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର। ଏହା ଉତ୍ତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ରାଜସିକ ଖାଦ୍ୟ ପ୍ରବୃତ୍ତିକୁ ଉତ୍ତେଜିତ କରାଏ। ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ। ସାତ୍ତ୍ୱିକ ଖାଦ୍ୟ ଦିଏ ତୃପ୍ତି। ଗୀତାରେ ‘ଯୁକ୍ତାହାର ବିହାରସ୍ୟ’ ବା ସଂଯତ ଆହାର ବିହାର କଥା କୁହାଯାଇଛି। ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରିଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ। ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ। ସେଥିପାଇଁ ମଣିଷ ମଧ୍ୟରେ ଆଧାତ୍ମିକ ଅଭୀପ୍ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତ୍ତିମାନଙ୍କର ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ। ଏହା ଈଶ୍ୱରଙ୍କର ଗୋଟିଏ ଅତି ମୂଲ୍ୟବାନ ଉପହାର। ଉନ୍ନତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହା ଗୋଟିଏ ଅତି ଜଟିଳ ଓ ସୁସଂଗଠିତ ଯନ୍ତ୍ର। ଏହାର ବାହ୍ୟ ରୂପକୁ ମଧ ସୁପରିଚ୍ଛନ୍ନ ଓ ପବିତ୍ର ରଖିବା ଦରକାର। ଆନନ୍ଦ ନାମକ ଫଳଟିର ଚୋପା ହେଲା ଏ ଦେହ। ଏ ଦେହର ମାଂସ, ପେଶୀ, ହାଡ଼ ଓ ନାଡ଼ୀଗୁଡ଼ିକ ଫଳଟିର ସୁମିଷ୍ଟ ଶସ। ମଣିଷ ଜୀବନରେ ମିଶି ରହିଥିବା ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି। ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ। ଚରିତ୍ର ଉତ୍ତମ ହେଲେ ଶରୀର ମଧ ଶୋଭାଯୁକ୍ତ ହୁଏ। ଏହାର ଶୋଭା ଓ ରମଣୀୟତାକୁ ବଞ୍ଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା। ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତ୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇଯାଉଥିଲା। ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି। କେବେହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି। ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇସାରନ୍ତେଣି। ପରୀକ୍ଷା କରି ଦେଖ, ଡାକ୍ତରମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ। ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ। ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତ୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର। ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି। ଆଧାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ। ତୁମେମାନେ ଦିବ୍ୟାତ୍ମାସ୍ୱରୂପ। ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର। ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





# ବିଏସଏନଏଲ ଅସୁବିଧା ରେ ହନ୍ତସନ୍ତ ଅଞ୍ଚଳବାସୀ

ଅସ୍ତରଙ୍ଗ(ମହାଭାରତ): ଆସୁନି ୩ ଦିନ ରୁ ଅଧିକ ଭାରତ ସଂଚାର ନିଗମ ଲିମିଟେଡ୍ ର ସେବା, ଯେଉଁ କାରଣ ରୁ ୩ ଦିନ ହେବ ଅସ୍ତରଙ୍ଗ ଅଞ୍ଚଳ ରେ ହଜାର ହଜାର ଜନସାଧାରଣ ନାହି ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି, ସାଧାରଣତଃ ବିଏସଏନଏଲ ନେଟୱର୍କ ଭାରତ ସରକାର ଙ୍କ ନେଟୱର୍କ ହେଇଥିବା କାରଣ ରୁ ଏହି ସଂଯୋଗିକରଣ ପାଇଁ ସରକାର ଙ୍କ ରାଜସ୍ୱ ବିଭାଗ, ବ୍ଲକ, ଜାତୀୟ କରଣ ବ୍ୟାଙ୍କ ସମସ୍ତ କର୍ଯ୍ୟ ଅନୁଷ୍ଠିତ ହୁଏ। ମାତ୍ର ଏହି କେବୁଲ କେଉଁଠି ଖରାପ ହୋଇଥିଲା ଆଜକୁ ୩ ଦିନ ହେବ ଏ ବାବଦରେ ସବୁ ଉଚ୍ଚ ପଦସ୍ତ ଅଧିକାରୀ ଙ୍କୁ ଅଜ୍ଞାତ ରହିଛି। ହଟାତ ଠପ୍ ହୋଇଗଲା ସମସ୍ତ କାର୍ଯ୍ୟକ୍ରମ, ଯେଉଁ ବିଭାଗ କୁ ଗଲେ ସମସ୍ତ ଙ୍କ ମୁହଁ ରେ ଗୋଟେ କଥା, ଦୂର ଦୁରାନ୍ତରୁ ନିଜ ବ୍ୟସ୍ତ ବହୁଳ କାମ ଭିତରୁ ସମୟ ବାହାର କରି ଲୋକ ଆସିଲେ ଆଉ ନିରାଶ ହୋଇ ଘରକୁ ଫେରିଲେ। ବିଭାଗ ଏହି ଦୃଶ୍ୟ ଦେଖି ମଧ ନିରବଦ୍ରଷ୍ଟା ସାଜିଲା। କାହାର ପଟ୍ଟା ମିଳିଲେ କିଏ କେଉଁ କାର୍ଯ୍ୟ ରେ ଲଗାଇବ କିନ୍ତୁ ସାଧାରଣ ଲୋକ ଭୋଗିଲେ ଦୁଃଖ, ସତେ ଯେପରି ପରିସ୍ଥିତି ସୃଷ୍ଟି ହେଲା ଲାଗୁଥିଲା ସରକାରୀ କର୍ମଚାରୀ ସମ୍ପୂର୍ଣ୍ଣ କୁମ୍ଭକର୍ଣ୍ଣ ନିଦ୍ରା ରେ ଶୋଇଯାଇଛନ୍ତି। ଅନ୍ୟ ନେଟୱର୍କ ମାଧ୍ୟମ ରେ ମୋବାଇଲ ଦ୍ୱାରା ଯାହା କିଛି ଅଳ୍ପ କାର୍ଯ୍ୟ କରାଯାଇଛି ମାତ୍ର ଲୋକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସବୁ ଅଚଳ, ଶୁଣିବାକୁ ମିଳିଲା କେଉଁ କାରଣ ରୁ ଏହି ବିଏସଏନଏଲ ନେଟୱର୍କ କେବୁଲ ସଂଯୋଗ କଟିଯାଇଚି। ଯଦି ଏହି ଅବ୍ୟବସ୍ଥା ଥିଲା ତାହେଲେ ଏହି କେବୁଲ ଯନ୍ତ୍ରୀ କାଇଁ ପଦକ୍ଷେପ ତୁରନ୍ତ ଗ୍ରହଣ କରୁନଥିଲେ।ଏବେ ବିଭିନ୍ନ ପ୍ରକାର ରାଜସ୍ୱ କାର୍ଯ୍ୟକ୍ରମ ଯଥା ଘରବାଡି ପଟ୍ଟା, ଅନେକ ଲୋକ ଓ ଛାତ୍ରଛାତ୍ରୀ ମାନଙ୍କ ର ଭିନ୍ନ ଭିନ୍ନ ପରିଚୟ ର କାଗଜପତ୍ର ସବୁ ପାଇବାକୁ ଥିବା ବେଳେ ଏହି କେବୁଲ ନେଟୱର୍କ ସଂଯୋଗ ନଥିବାରୁ ବାରମ୍ଵାର ଆସି ତହସିଲ ରୁ ସେମାନଙ୍କୁ ଫେରିବାକୁ ପଡିଛି। ଯାହାଦ୍ୱାରା ଲୋକ ମାନେ ଏହି କାରଣ ରୁ ହନ୍ତସନ୍ତ ହୋଇଛନ୍ତି, ଏ ବାବଦରେ ଆମେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟା ରେ କହିଥିଲେ ଏହି ସମସ୍ୟା ବିଏସଏନ୍ଏଲ ର ସଂଯୋଗୀକରଣ ନଥିବାରୁ ହେଉଛି, ତେଣୁକରି ଆମେ ଏ ବାବଦରେ କିଛି କରିପାରିବୁନାହି, ତାହେଲେ ଏଠି ପ୍ରଶ୍ନ ଉଠୁଛି ଯେ ଯଦି ଏହି ସମସ୍ୟା ୩ ଦିନ ହେବ ଲାଗିରହିଥିଲା ତାହେଲେ କାଇଁ ଅଧିକାରୀ ମାନେ ନିଜ ଜିଲ୍ଲା ଉଚ୍ଚପଦସ୍ତ ଅଧିକାରୀ ଙ୍କୁ ଏ ବାବଦରେ ଜଣାଇ ସମସ୍ୟା ର ସମାଧାନ କରିବାକୁ ବାଟ ବାହାର କରୁନଥିଲେ, ଏହି ସମସ୍ୟା ପାଇଁ ସାଧାରଣ ଲୋକ ଯେଉଁ ଅସୁବିଧା ର ସମ୍ମୁଖୀନ ହେଲେ ତାହାଲେ ଏଥିପାଇଁ ଦାୟୀ କିଏ?

## ଅଗ୍ନିବିପନ୍ନ ପରିବାରକୁ ସହାୟତାର ହାତ ବଢାଇଲା ଛୋଟ ଏକ ପ୍ରୟାସ



ହିନ୍ଦୋଳ(ମହାଭାରତ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ହାତୁରା ପଞ୍ଚାୟତ ଅନ୍ତର୍ଗତ ହାତୁରା ହରିଜନ ସାହିରେ ଗତ ଦୁଇଦିନ ତଳେ ବିଳମ୍ବିତ ରାତ୍ରିରେ ଘଟିଯାଇଥିଲା ଏକ ଭୟଙ୍କର ଅଗ୍ନିକାଣ୍ଡ।ଏହି ଅଗ୍ନିକାଣ୍ଡରେ ପ୍ରମୋଦ ନାଏକ ଏବଂ ଦେବରାଜ ନାଏକଙ୍କର ୪ଟି ପରିବାରର ପ୍ରାୟ ୫ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ମଧ୍ୟ ଜଳିପୋଡି ପାଉଁଶ ହୋଇଯାଇଥିଲା। ଏ ସଂପର୍କରେ ଖବର ପାଇ ଖଜୁରିଆକଟା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳକୁ ସବୁକିଛି ଜଳି ପୋଡ଼ି ପାଉଁଶ ହୋଇ ସାରିଥିଲା। ତେବେ ଆଜି ଖବର ପାଇ ହିନ୍ଦୋଳ ଖଜୁରୀଆକଟା ଅଞ୍ଚଳର ସମାଜ ସେବୀ ଅନୁଷ୍ଠାନ ଛୋଟ ଏକ ପ୍ରୟାସର ସଦସ୍ୟ ମାନେ ଅଗ୍ନି ବିପନ୍ନ ପରିବାରକୁ ସାହାଯ୍ୟ ର ହାତ ବଢାଇବା ପାଇଁ ଆଗେଇ ଆସିଥିଲେ। ବାସହରା ହୋଇଯାଇଥିବା ଅଗ୍ନି ବିପତ୍ତି ପରିବାର ଲୋକଙ୍କୁ କିଛି ନୂତନ ବସ୍ତ୍ର ସହ କିଛି ଶୁଖିଲା ଖାଦ୍ୟ ଯୋଗାଇ ସାହାଯ୍ୟର ହାତ ବଢ଼ାଇ ପାରିଛନ୍ତି। ଛୋଟ ଏକ ପ୍ରୟାସ ପରିବାର ର ଏଭଳି ମହତ କାର୍ଯ୍ୟ ପାଇଁ ହିନ୍ଦୋଳ ଅଞ୍ଚଳର ବହୁ ବୁଦ୍ଧିଜିବୀ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## କାମ କରିବା ଆଳରେ ରାସ୍ତା ଅବରୋଧ

ବେଗୁନିଆ,(ମହାଭାରତ): ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଗ ଉପଖଣ୍ଡ ବେଗୁନିଆ ସେକ୍ସନ ଅଧୀନରେ ଥିବା ଏକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତାରେ କାର୍ଯ୍ୟ କରିବାକୁ ହ୍ୟୁମ ପାଇପ ପକାଇ ରାସ୍ତା ଖୋଳି ମାସ ମାସ ଧରି ରାସ୍ତା ଅବରୋଧ କରାଯାଇଛି। ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଉଳି ପଞ୍ଚାୟତ ଅଧୀନତ ସାମନ୍ତରାପୁରଠାରୁ ମଳିପଡ଼ା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ପାଇପ ପଡ଼ିଥିବା ସମ୍ପୃକ୍ତ ସ୍ଥାନଟି ମୁଣ୍ଡିଆ ଉପରୁ ଆସୁଥିବା ପାଣି ଯିବାକୁ ଗଡ଼ାଣିଆ କରାଯାଇଥିଲା। କିନ୍ତୁ ଲୋକଙ୍କ କଙ୍କ ଯାତାୟାତରେ ଅସୁବିଧା ଦେଖା ଦେବାରୁ ସେଠାରେ ହ୍ୟୁମ ପାଇପ ପକାଇ ରାସ୍ତା ଉଚ୍ଚା କରିବାକୁ ବିଭାଗ ପକ୍ଷରୁ ଠିକାଦାରଙ୍କୁ କାର୍ଯ୍ୟ କା ପାଟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଠିକାଦାର ଗଡ଼ାଣିଆ ରାସ୍ତାଟିକୁ ଖୋଳି ସେଠାରେ ମାଟି ଗଦା କରି ଦେଇଥିବାବେଳେ ରାସ୍ତାର ୨ ପାର୍ଶ୍ୱରେ ହ୍ୟୁମ ପାଇପ ପକାଇ ଏକ ପ୍ରକାର ରାସ୍ତାକୁ ମାସାଧିକ ହେଲା ଅବରୋଧ କରି ରଖୁଛନ୍ତି।ଏହି ରାସ୍ତା ଦେଇ ଲଘୁ ଯାନଠାରୁ ଆରମ୍ଭ କରି ବହୁ ଭାରିଯାନ ଯିବା ଆସିବା କରିଥାଏ। ରାସ୍ତା ଖୋଳାଯିବା ଯୋଗୁ ଯାତାୟତରେ ଅସୁବିଧା ହେଉଛି। ଅନ୍ୟ କିଛି ବାଟ ନ ଥିବାରୁ ରାସ୍ତାକଡ଼ରେ ପାଦଚଲା ରାସ୍ତାରେ ଗାଡ଼ି ଯିବା ଆସିବା କରୁଛି। ଏହି ସଂକ୍ରାନ୍ତରେ ଜେଇ ଜ୍ୟୋର୍ତିମୟୀ ବେହେରାଙ୍କୁ ପଚାରିବାରେ, ସେ ରାସ୍ତା ମୋର ନୁହେଁ ବୋଲି କହିଥିଲେ। ଜେଇ ରବୀନ୍ଦ୍ର କୁମାର ଜେନାଙ୍କୁ ବାରମ୍ଵାର ଫୋନ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଖୋର୍ଦ୍ଧା ଉପଖଣ୍ଡ ସହକାରୀ ଯନ୍ତ୍ରୀ ପ୍ରସନ୍ତ କୁମାର ପଟ୍ଟନାୟକଙ୍କୁ ଫୋନ କରିବାରେ ତାଙ୍କ ଫୋନ ସୁଇଚ ଅଫ ଥିଲା।

## ବେଆଇନ ବାଲି ବୋଝେଇ ୩ଟି ହାଇୱା ଜବତ

କରଞ୍ଜିଆ,(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ଦିନରାତି ବିଭିନ୍ନ ନଦୀ ନାଳରୁ ଏଭଳି କି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନଦୀ ନାଳରୁ ଚୋରା ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି। ଏଥିପାଇଁ ବାଲି ମାଫିଆ ମାନେ ନକଲି ଟ୍ରାଞ୍ଜିଟ ପାସ ବ୍ୟବହାର କରି ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଥିବା ବେଳେ ଆଜି ଠାକୁରମୁଣ୍ଡା ଥାନା ବଜାର ନିକଟ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା – ଆନନ୍ଦପୁର ରାସ୍ତା ଉପରୁ ଆଜି ସକାଳୁ ମାଇନିଙ୍ଗ ଅଫିସର ଓ ଠାକୁରମୁଣ୍ଡା ପୁଲିସ ତିନୋଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି । ହାଇୱା ୩ଟି ହେଲା ଗାଡ଼ି ନଂ ଓଡ଼ି୦୧ ଘ ୫୦୨୧, ଓଡ଼ି୧୧ ଟ ୦୦୯୮ ଓ ଓଡ଼ି୨୨ ଡ ୦୯୧୫ ରେ ଆନନ୍ଦପୁର ବୈତରଣୀ ନଦୀରୁ ବାଲି ବୋଝେଇ କରି ଆସୁଥିବା ସମୟରେ ମାଇନିଙ୍ଗ ଅଧିକାରୀ ଓ ଠାକୁରମୁଣ୍ଡା ପୋଲିସ ପ୍ରଥମେ ବଜାର ନିକଟରେ ଅଟକ ରଖି କାଗଜ ପତ୍ର ଯାଞ୍ଚ କରିଥିଲା।

## ବିଲାତିର ଅଭାବ ବିକ୍ରି; କ୍ଷେତରେ ସଢୁଛି ଲାଲ୍ ଟହଟହ ବିଲାତି



କେନ୍ଦୁଝର ସଦର,(ମହାଭାରତ) : କେନ୍ଦୁଝର କଥାରେ ଅଛି ଚାଷ ଯାହାର କି ଆନନ୍ଦ ତାର ଏହି ଉକ୍ତି ଚାଷୀ ମନରେବେଳେ ଉପହାସ ପରି ମନେ ହୁଏ । ଯାହା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର କେତେକ ବିଲାତି ଚାଷୀଙ୍କ କ୍ଷେତ୍ରରେ ପ୍ରମେୟ କେନ୍ଦୁଝର ସଦର ପ୍ରତିନିଧି ବରେନ୍ଦ୍ର କୁମାର ପରିଡ଼ା ଆଜି ବିଲାତି ଚାଷୀ ବିଦୁ ଦେହୁରୀ, ରତି ଦେହୁରୀଙ୍କ ଚାଷ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଦୁ ଦେହୁରୀ, ରତି ଦେହୁରୀ ଉଭୟ ୪୦ହଜାରରୁ ଅଧିକ ଟଙ୍କା ଲେଖାଏଁ ଖର୍ଚ୍ଚ କରି ନିଜ ନିଜ କ୍ଷେତରେ ବିଲାତି ଚାଷ କରିଛନ୍ତି ଯ ଖୁବ୍ ପରିଶ୍ରମ କରି ଅତି ସୁନ୍ଦର ସୁନ୍ଦର ବିଲାତି ଫଳାଇଥିଲେ । ପ୍ରତି ବିଲାତି ଗଛରେ ତିନିରୁ ଚାରି କିଲୋ ବିଲାତି ଫଳିଛି ନାଲ୍ ନାଲ୍ ଟହଟହ ହୋଇ ପାଚିଛି ବିଲାତି ବଗିଚାକୁ ଗଲେ ଫେରିବାକୁ ଇଚ୍ଛା ହେଉନାହିଁ ଫଳ ଗଛ ଦେଖି ଆଖି ଲାଗି ରହୁଛି । ବିଲାତି ଠିକ୍ ବିକ୍ରି ହେବାବେଳେ ବଜାରରେ ବିଲାତିର ଅଭାବୀ ବିକ୍ରି ଯୋଗୁଁ କ୍ଷେତରେ ସଢୁଛି ବିଲାତିଯ ଚାଷୀମାନଙ୍କ କହିବା ଅନୁଯାୟୀ ଏତେ କଷ୍ଟ କରି ରୀତିମତ ବେଉଷଣ କଲୁ ବହୁତ ବଢିଆ ଫଳ ହେଲା ସେ ସବୁ ଆଖି ଆଗରେ ହିଁ ପଚି ସଢୀ ଜୀବ ତାହା ଛାତିରେ ଧକ୍କା ମାରିଲା ଭଳି ଲାଗୁଛି । ବିଲାତିକୁ ବଜାର ନେଲେ କିଲୋ ପ୍ରତି ଏକ ଟଙ୍କା ଦୁଇ ଟଙ୍କା ଦେଉଛନ୍ତି ଖାଉଟି ବାଇକର ତେଲ ଖର୍ଚ୍ଚ ହେବ ନାହିଁ ତୋଳିବା ଖର୍ଚ୍ଚ ତୋ ଦୂରର କଥା ଏତେ ଖର୍ଚ୍ଚ କରି ଲକ୍ଷ ରଖିଥିଲୁ ଲକ୍ଷେ ରୋଜଗାର ହେବ ବୋଲି କ୍ଷେତରୁ ବିହନ ଖର୍ଚ୍ଚ ବହନ ହୋଇ ପାରିବ ନାହିଁ ବୋଲି ଚାଷୀ ମନ ଦୁଃଖରେ କହିଛନ୍ତି। ସରକାର ଆମ ଅଞ୍ଚଳରେ ଶୀତଳ ଭଣ୍ଡାରର ବ୍ୟବସ୍ଥା କଲେ ଅନ୍ତ ପଖେ ଚାଷୀ କିଛି ମାତ୍ରାରେ ଲାଭବାନ ହୋଇ ପାରିବେ ଏବଂ ଚାଷ ପ୍ରତି ଆଗ୍ରହୀ ହେବେ ବୋଲି ଚାଷୀ ମାନେ କହିଛନ୍ତି।

## ଉପ ସ୍ୱାସ୍ଥ୍ୟ କେନ୍ଦ୍ର ବୁଡାଗୁଡ଼ା ଠାରେ ଆରୋଗ୍ୟ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ

ରାୟଗଡ଼ା/କଲ୍ୟାଣସିଂହପୁର, (ମହାଭାରତ):ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆରୋଗ୍ୟ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ପ୍ରତ୍ୟେକ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଶିବିର ଆୟୋଜିତ କରାଯାଏ ଯେଉଁଥିରେ ରୋଗୀ ଙ୍କୁ ସମସ୍ତ ପ୍ରକାର ର ସେବା , ମାଗଣାରେ ଯୋଗେଇ ଦିଆ ଯାଇଥାଏ ଯ ଆଜିର ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ରୋଗୀଙ୍କର ( ଯଥା- ଗର୍ଭବତୀ ଏବଂ ପ୍ରସୂତୀ ମା, ନବଜାତ ଶିଶୁ, କିଶୋର କିଶୋରୀ, ବୟସ୍କ ବ୍ୟକ୍ତି, ଅଣ ସଂକ୍ରମଣ ରୋଗରେ ପୀଡିତ ବ୍ୟକ୍ତି, ଏବଂ ସାମାନ୍ୟ ଥଣ୍ଡା ଖାସ ରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ମାଗଣାରେ ବିତରଣ କରାଗଲା। ଏହି ଶିବିର ଶ୍ରୀଯୁକ୍ତ. ପ୍ରମୋଦ କୁମାର ମିଶ୍ର (ଆୟୁଷ ଡାକ୍ତର)ଏବଂକୁମାରୀ. ମିନା କୁମାରୀ ସାମଲ ( ସି. ଏଚ୍. ଓ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବୁଡାଗୁଡା ର ସମସ୍ତ ଆଶା ଏବଂ ଅଙ୍ଗନବାଡି ମଧ ଉପସ୍ଥିତ ଥିଲେ। ଏହି ଶିବିରରେ ସବୁ ବର୍ଗର ରୋଗୀ ଆସି ଚିକିତ୍ସା କରାଇ ଥିଲେ।

## ରାୟଗଡା ଜିଲ୍ଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋର କିଶୋରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ



ରାୟଗଡା (ମହାଭାରତ): ରାୟଗଡା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାବରିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସଂଯୋଜନାରେ ଜିଲ୍ଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଏକ ଦିନିଆ କିଶୋର କିଶୋରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ଜିଲ୍ଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିମା ଦାସ, ଆକ୍ସନ ଏଡ୍ ତରଫରୁ ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓଏହି କାର୍ଯ୍ୟକ୍ରମ ଅଧୀନରେ କିଶୋର କିଶୋରୀ ମାନେ ୱାର୍ଲ୍ଡ ସ୍କିଲ ସେ□ର, କଳିଙ୍ଗ ଷ୍ଟାଡିୟମ ଓ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରଭୃତି ବୁଲି ଦେଖିଥିଲେ। ଅଦ୍ୱିକା କ୍ଲବର ସଦସ୍ୟ ସଦସ୍ୟା ମାନେ ବିଭିନ୍ନ ଦକ୍ଷତା ବିକାଶ ଦ୍ୱାରା ନିଜେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ତେଣୁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ ତାକୁ ଆଧାର କରି ଏହି ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବିନ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୁମାରୀ ବିଚିତ୍ରା ସେଠି ମତ ଦେଇଥିଲେଓ ଏହାପରେ କିଶୋର କିଶୋରୀ ମାନେ ନିଜ ନିଜ ଘରକୁ ଫେରିଥିଲେ।

## ଟାଟା ଷ୍ଟିଲ୍ ନୂତନ କଣ୍ଟିନିୟସ ଆନିଲିଂ ଲାଇନରୁ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ ଚାଲାଣ




କଳିଙ୍ଗନଗର, (ମହାଭାରତ)ଫେବ୍ରୁଆରି ୧୩, ୨୦୨୫: ଟାଟା ଷ୍ଟିଲ କଳିଙ୍ଗନଗରର ଅତ୍ୟାଧୁନିକ କଣ୍ଟିନିୟସ ଆନିଲିଂ ଲାଇନ (ସିଏଏଲ)ର କୋଲ୍ଡ ରୋଲିଂ ମିଲ (ସିଆରଏମ) କମ୍ପ୍ଲେକ୍ସରେ ଥିବା ଅତ୍ୟାଧୁନିକ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ ଗୁରୁବାର କାରଖାନା ପରିସରରେ ଥିବା କମନ୍ ପ୍ରଡକ୍ଟ ଡେସ୍ପାଚ୍ ୟାର୍ଡରୁ ପଠାଯାଇଛି।ଟିଏସକେର ଉପାଧ୍ୟକ୍ଷ (ଅପରେସନ୍ସ) ରାଜୀବ କୁମାର ଟିଏସକେ ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂ, ଟିଏସକେ ଏବଂ ଏନଆଇଏନଏଲର ଜେନେରାଲ ମ୍ୟାନେଜର (ପ୍ରକଳ୍ପ ଓ ନିର୍ମାଣ) ହରବିନ୍ଦର ସିଂ ଦୀପକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କମ୍ପାନୀର ଉନ୍ନତ ଉତ୍ପାଦନ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି।ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ପ୍ଲାଣ୍ଟର କ୍ଷମତା ବାର୍ଷିକ ୩ ନିୟୁତ ଟନ ରୁ ୮ ନିୟୁତ ଟନକୁ ବୃଦ୍ଧି ପାଉଥିବା ବେଳେ କମ୍ପାନୀର ଏହି ପଦକ୍ଷେପ ଟାଟା ଷ୍ଟିଲକୁ ବିକଶିତ ଅଟୋମୋଟିଭ ବଜାରରେ ଅଭିନବ ସମାଧାନ ପ୍ରଦାନ କରିବାରେ ସକ୍ଷମ କରିବ।ଭବିଷ୍ୟତ ପାଇଁ ପ୍ରସ୍ତୁତ ଉନ୍ନତ ଜ୍ଞାନକୌଶଳରେ ସଜ୍ଜିତ ଏହି ନୂତନ ସିଏଏଲ୍ ବିଶ୍ୱର ଶ୍ରେଷ୍ଠ ତିନି-ବେ□ମାର୍କ ଅଟୋମୋଟିଭ୍ ଲାଇନ୍ ମଧ୍ୟରେ ସ୍ଥାନ ପାଇଛି । ଏହା ଆଡଭାନ୍ସ ହାଇ ଷ୍ଟ୍ରେନଥ ଷ୍ଟିଲ (ଏଏଚଏସଏସ) ସମେତ ଅନେକ ଉଚ୍ଚ ଗୁଣବ□। ବିଶିଷ୍ଟ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ କରିବ, ଯେଉଁଥିରେ ଅତୁଳନୀୟ ଦୀର୍ଘସ୍ଥାୟିତା ଏବଂ ବିଶ୍ୱସନୀୟତା ରହିଛି। ଏହା ଦ୍ୱାରା ଭାରତୀୟ ଅଟୋମୋବାଇଲ ବଜାରରେ ଟାଟା ଷ୍ଟିଲର ସ୍ଥିତିକୁ ଅଗ୍ରଣୀ କରିବ।

# ସ୍ୱୟଂ ସହାୟକ ଗୋଷ୍ଠୀକୁ ଖଜୁରୀ ଗୁଡ ତାଲିମ ଓ ପ୍ରକ୍ରିୟା



ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ କେ ସୁବଲଡା ଗ୍ରାମର ବେତାରସିଙ୍ଗ ଗ୍ରାମ ପଞ୍ଚାୟତ କୋଠାଗୃହ ଠାରେ ୧୩/୦୨/୨୦୨୫ ତାରିଖରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ତଥା ଚାଷୀଙ୍କୁ ଖରୁରୀଗୁଡ ପ୍ରକ୍ରିୟାକରଣ, ନେତୃର ବିକାଶ, ଆର୍ଥିକ ସ୍ଥାୟୀର ପରିବର୍ତନ, ଆର୍ଥିକ ସାକ୍ଷରତା ଓ ବଜାରୀକରଣ ବ୍ୟବସ୍ତା ବିଷୟରେ ତାଲିମ ଦିଆଯାଇଥିଲା । ଏହି ତାଲିମ ଶିବିରର ଉଦ୍ଘାଟନ କାର୍ଯ୍ୟକ୍ରମରେ ଆର. କେ. ଏସ. ଏସ. ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନାବାର୍ଡ ସଂସ୍ଥା, ଗଜପତି ସହାୟତାରେ ୭ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୨ ମହିଳା ଚାଷୀଙ୍କୁ ଏକ ଦିନିଆ ହେଇଥିବା ତାଲିମ ଶିବିର ଦିଆଯାଇଥିଲା । ଏହି ତାଲିମ ଶିବିରର ଦ୍ୱିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଡ଼ି. ଡ଼ି. ଏମ, ନାବାର୍ଡ, ପ୍ରତୀକ ପଣ୍ଡା, ଶ୍ରାବଣ କୁମାର ପଣ୍ଡା, ଟଜଝରଞ୍ଜଓ ଊସକ୍ସରମ-ଙ୍ଖକ୍ଟକ୍ସ, ଶ୍ରୀ ମୋନଜ କୁମାର ସାବତ, ଡ଼ି ଏଲ ଟି, ତାଲିମ ଦାତା, ବଲ୍ଲଭ ଚନ୍ଦ୍ର ଗମାଙ୍ଗ, ଆର୍ଥିକ ସାକ୍ଷରତା ସଞ୍ଜଜକ, କବିତା ରଇତ, ଏମ ବି କେ, ବୁଲି ପ୍ରଧାନ, ଆର କେ ଏସ ଏସ ର ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ବୁଝାଇ ଥିଲେ ।ଉକ୍ତ ଶିବିରରେ ମୁଖ୍ୟତ ମହିଳା ସଶକ୍ତିକରଣ, ଦଳ ପରିଚାଳନା, ଦଳର ଦଶାସୂତି କାର୍ଯ୍ୟକ୍ରମ, ଖାତାପତ୍ର ଲେଖିବା, ଋଣ ଆଦାନ ପ୍ରଦାନ, ସୁଧର ହିସାବ ଓ ସରକାରଙ୍କ ବିଭିନ୍ନ ବିଭାଗ ସହ ସମାନ୍ୟ ରକ୍ଷା କରି ଦଳ ଦ୍ୱାରା ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଯଥା- କୃଷି ଭିତିକ, ଉଦ୍ୟାନ ଭିତିକ ଓ ନାବାର୍ଡ ଏବଂ କେ. ସି. ସି ଋଣର ଅଭିଯାନ ରେ ବିଭିନ୍ନ ପ୍ରକାର ଯଥା :- ମହିଳା ମାନଙ୍କୁ ଛତୁଚାଷ, କୁକୁଡା ପାଳନ, ଧୂପକାଠି ତିଆରି ଓ ସିଲାଇ ପ୍ରବୃତି ତାଲିମ ନେଇ ନିଜେ କିପରି ରୋଜଗାର କରି ପାରିବେ, ଆର୍ଥିକ ସାକ୍ଷରତା ସହ ବିଭିନ୍ନ ପ୍ରକାର ବୀମା ଯଥା :- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ପ୍ରଧାନମନ୍ତ୍ରୀ ଜୀବନଜ୍ୟାତି ବୀମା, ଅଟଳ ପେନସନ, ଫସଲ ବୀମା, ନିର୍ମାଣ ଶ୍ରମିକ ପଞ୍ଜୀକରଣ, ଫ୍ରେଡ ମୋବାଇଲକୁ ଫୋନ କରି ଟଙ୍କା ପଇସା ବ୍ୟାଙ୍କ ଖାତା ମାଧ୍ୟମରେ ଟଙ୍କାକୁ ଉଠାଇଦେବା, ଇଞ୍ଜଗ କାର୍ଡ ବ୍ୟବହାର, ସୁଭଦ୍ରା ଯୋଜନା ପଞ୍ଜୀକରଣ ଓ ବ୍ୟାଙ୍କ ତରଫରୁ ଦଳକୁ ଆର୍ଥିକ ସହାୟତା ସଂପର୍କରେ ବୁଝା ଯାଇଥିଲା।ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଆଜିର ତାଲିମ ଶିବିରର ଲକ୍ଷ ଓ ଉଦେଶ୍ୟ ବୁଝାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଶ୍ରୀ ତରୁଣ କୁମାର ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନ, ଏମ ବି କେ ଓ ସି ଆର ପି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ବାଜିଚୌକ ଓଭର ବ୍ରିଜ ରାସ୍ତା ପାଲଟିଛି ମରଣଯନ୍ତା, ଯାତ୍ରୀ ହନ୍ତସନ୍ତ



ଢେଙ୍କାନାଳ, ମହାଭାରତ : ଢେଙ୍କାନାଳ ସହରର ପ୍ରବେଶ ପଥ ପାଲଟିଛି ମରଣଯନ୍ତା। ସହରର ପ୍ରବେଶ ପଥ ବଜିଚୌକ ଓଭର ବ୍ରିଜ୍ ନିକଟରେ ଦୀର୍ଘ ଦିନ ହେବ ରାସ୍ତା ମଝିରେ ଗୋଟିଏ ବଡ଼ ଗାତ ସୃଷ୍ଟି ହେବା ଯୋଗୁଁ ଯାତାୟାତ କରୁଥିବା ଯାତ୍ରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହି ରାସ୍ତା ଦେଇ ନେତା, ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧକାରୀମାନେ ଯାତାୟାତ କରୁଥିଲେ ମଧ ଗାତ ଉପରେ କାହାର ନଜର ପଡୁ ନାହିଁ। ଫଳରେ ଯାତ୍ରୀମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି , ଢେଙ୍କାନାଳ ଜିଲ୍ଲାକୁ ଆକାଂକ୍ଷା ଜିଲ୍ଲା ଭାବେ ଘୋଷଣା ହେବାପରେ ସହରରେ ବିଭିନ୍ନ ପ୍ରକଳ୍ପ ବାବଦରେ କୋଟି କୋଟି ଟଙ୍କା ବିନିଯୋଗ କରାଯାଇ ସହରର ବିକାଶ ହେଉଛି। ବିଭିନ୍ନ ପ୍ରକଳ୍ପ ବାବଦରେ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଥିଲେ ମଧ ସହରର ପ୍ରବେଶ ପଥରେ ଥିବା ଖାଲଖମା ରେ ମାଟି ପଡୁ ନାହିଁ ବୋଲି ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନ ବାହନ ଚଳାଚଳ କରୁଛି। ବାଜି ଚୌକ ରେଳ ଓଭର ବ୍ରିଜ ରାସ୍ତା ଉପରେ ଦୁଇଟି ପ୍ରମୁଖ ପର୍ଯ୍ୟଟନ ଯଥା କପିଳାସ ଓ ମହିମା ଗାଦି ଯୋରନ୍ଦା ମଧ ନିର୍ଭର କରୁଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମାନେ ମଧ୍ୟ ବୁଲିବାକୁ ଆସୁଛନ୍ତି । ସେହି ରାସ୍ତା ଉପରେ ସିମିଳିଆ, କାଙ୍କଡପାଳ, ରଞ୍ଜା, ତରଭା, ଚଉଳିଆ ଖମାର, ବଣସିଂହ, ନଗେନା, ରାମେଶ୍ୱରପୁର ପ୍ରଭୃତି ଏକ ଶହରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରିଥାନ୍ତି।ମାତ୍ର ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆଢୁଆଳରେ ରହୁଥିବାରୁ ଖାଲଟିରେ ମାଟି ଗଣ୍ଡୁଏ ପଡୁନାହିଁ କି ମରାମତି ହେଉନାହିଁ। ଗରିବ ଲୋକଙ୍କ ଟିକସ ଅର୍ଥକୁ ସଠିକ ଭାବରେ ବିନିଯୋଗ କରାଯାଉନଥିବାରୁ ସହରରେ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ଯାହା ଫଳରେ ବୁଦ୍ଧିଜୀବି ମାନଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।ମାତ୍ର ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁ ନଥିବାରୁ ଯାତ୍ରୀ ମାନେ ଯାତ୍ରୀ ମାନେ ଯାତାୟତ ସମୟ ରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଏହି ରାସ୍ତାକୁ କିଭଳି ଯଥା ସମ୍ଭବ ମରାମତି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇ ମରାମତି କରାଗଲେ ଜନସାଧାରଣ ଏବଂ ପର୍ଯ୍ୟଟକ ମାନେ ସହଜରେ ଯାତାୟତ କରିପାରିବେ।

## ଉଦ୍ଧବଙ୍କୁ ବଡ ଝଟ୍‌କା

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କୁ ଏକ ବଡ଼ ଝଟକା ଲାଗିଛି ଦଳର ପୂର୍ବତନ ବିଧାୟକ ରାଜନ ସାଲଭି ଇସ୍ତଫା ଦେଇଛନ୍ତି । ସେ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗଦେବେ । ସମ୍ପ୍ରତି ସିନ୍ଦେ ଦଳର ନେତାମାନେ ଦାବି କରିଛନ୍ତି ଯେ ଉଦ୍ଧବ ଦଳର ନେତାମାନେ ସେମାନଙ୍କ ସହ ଯୋଗାଯୋଗ କରୁଛନ୍ତି । ଏଭଳି ପରିସ୍ଥିତିରେ ରାଜନ ସାଲଭିଙ୍କ ଇସ୍ତଫା ନେଇ ପ୍ରଶ୍ନ ଉଠିଛି ଯେ ଏହା ଉଦ୍ଧବ ଗୋଷ୍ଠୀରେ ଏକ ବିଦ୍ରୋହର ଆରମ୍ଭ କି ?ଶିବସେନା (ୟୁବିଟି) ର ରତ୍ନଗିରି ଜିଲ୍ଲାର ପୂର୍ବତନ ବିଧାୟକ ରାଜନ ସାଲଭିଙ୍କୁ ଉଦ୍ଧବ ଠାକରେଙ୍କ ଜଣେ ଦୃଢ ସମର୍ଥକ ଭାବରେ ବିବେଚନା କରାଯାଉଥିଲା । ସେ ଉଦ୍ଧବଙ୍କର ଜଣେ ବିଶ୍ୱସ୍ତ ନେତା ଭାବରେ ଜଣାଶୁଣା ରାଜନ ସାଲଭି ଗୁରୁବାର (ଫେବୃଆରୀ ୧୩) ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ଶିବସେନାରେ ଯୋଗଦେବେ । ସାଲଭି ଦୀର୍ଘ ବର୍ଷ ଧରି ରତ୍ନଗିରି ଜିଲ୍ଲାର ଜଣେ ବିଧାୟକ ଭାବରେ ଶିବସେନାରୁ ପ୍ରତିନିଧିତ୍ୱ କରିଥିଲେ । ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ରାଜନ ସାଲଭି ହାରି ଯାଇଥିଲେ । ୨୦୨୪ ବିଧାନସଭା ନିର୍ବାଚନରେ ରାଜନ ସାଲଭି ଏକନାଥ ସିନ୍ଦେ ଦଳର ନେତା କିରଣ ସାମନ୍ତଙ୍କଠାରୁ ପରାସ୍ତ ହୋଇଥିଲେ । ଅନ୍ୟପକ୍ଷରେ କିରଣ ସାମନ୍ତ ରାଜନ ସାଲଭିଙ୍କ ଦଳରେ ଯୋଗଦାନକୁ ନେଇ ଖପ୍ପା ଅଛନ୍ତି କିରଣ ସାମନ୍ତ ହେଉଛନ୍ତି ମନ୍ତ୍ରୀ ଉଦୟ ସାମନ୍ତଙ୍କ ଭାଇ । ମହାରାଷ୍ଟ୍ରରେ ଅପରେସନ୍ ଟାଇଗର ଆଲୋଚନା ମଧ୍ୟରେ ସାଲଭିଙ୍କ ଇସ୍ତଫା ରାଜ୍ୟରେ ରାଜନୈତିକ ଅସ୍ଥିରତାକୁ ଆହୁରି ତୀବ୍ର କରିଛି । ଏକନାଥ ସିନ୍ଦେ ଦଳର ଶିବସେନା ଗତ କିଛି ଦିନ ହେବ ଉଦ୍ଧବଙ୍କ ଦଳର ୬ ଜଣ ସାଂସଦ ଏବଂ ବିଧାୟକଙ୍କ ସହ ଯୋଗାଯୋଗରେ ଥିବାର ଦାବି କରିଆସୁଛି ।



## ମାଗଣା ଯୋଜନା ପାଇଁ ଲୋକ କାମ କରିବାକୁ ଇଚ୍ଛା କରୁନାହାନ୍ତି

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ପ୍ରତି ନିର୍ବାଚନ ପୂର୍ବରୁ ଦେଶରେ ମାଗଣା ଯୋଜନାର ବର୍ଷା ହେଉଛି । ସବୁ ରାଜନୀତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ମାଗଣା ସେବାର ଲୋଭ ଦେଖାଉଛନ୍ତି । ନିର୍ବାଚନ ଆସିଲେ ସବୁ ନେତା ଓ ମନ୍ତ୍ରୀ ପୁଳା ପୁଳା ମାଗଣା ପ୍ରତିଶ୍ରୁତି ଦିଅନ୍ତି । ଏହାକୁ ସାଧାରଣ ଭାଷାରେ 'ରାବଡି ପ୍ରଥା' କୁହାଯାଏ । ହେଲେ ଏହାକୁ ନେଇ ପୁଣିଥରେ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । ଲୋକମାନେ ମଗାଣାରେ ରାସନ ଓ ଟଙ୍କା ପାଇଯାଉଥିବାରୁ କାମ କରିବାକୁ ଇଚ୍ଛା କରୁନାହାନ୍ତି । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସୁପ୍ରିମକୋର୍ଟ ମତ ରଖିଛନ୍ତି । ସହରାଞ୍ଚଳରେ ରହୁଥିବା ବାସହୀନଙ୍କୁ ରହିବା ପାଇଁ ଘର ଯୋଗାଇ ଦେବା ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସି ମାଗଣା ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତ । ଜଷ୍ଟିସ ଗବାଇ କହିଛନ୍ତି, ଦୁର୍ଭାଗ୍ୟବଶତଃ, ମାଗଣା ଯୋଜନା ପାଇଁ ଲୋକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ସେମାନେ ମାଗଣାରେ ରାସନ ପାଉଛନ୍ତି ।କିଛି କାମ ନ କରି ଟଙ୍କା ପାଇ ଯାଉଛନ୍ତି । ଆମେ ସେମାନଙ୍କ ପ୍ରତି ଆପଣଙ୍କ ପ୍ରକାଶ କରୁଥିବା ଚିନ୍ତାକୁ ସ୍ୱାଗତ କରୁଛୁ । କିନ୍ତୁ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତର ଅଂଶବିଶେଷ କରିବା କ'ଣ ଭଲ ହେବନି? ଦେଶର ବିକାଶରେ ସେମାନେ ମଧ୍ୟ ଯୋଗଦାନ କରିବାକୁ ଅନୁମତି ପାଇବା ଉଚିତ । ଶୁଣାଣି ବେଳେ ଆର୍ଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ଖଣ୍ଡପୀଠଙ୍କୁ କହିଛନ୍ତି ଯେ ସହରାଞ୍ଚଳ ଗରିବ ମୁକ୍ତ ମିଶନ ପାଇଁ ସରକାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏଥିରେ ବାସହୀନଙ୍କୁ ଘର ଯୋଗାଇ ଦିଆଯିବାର ପ୍ରାବଧାନ ମଧ୍ୟ ରହିବ । ଏକଥା ଶୁଣିବା ପରେ ସହରାଞ୍ଚଳ ଗରିବ ମୁକ୍ତ ମିଶନ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କୁ କେତେ ସମୟ ଲାଗିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୬ ସପ୍ତାହ ପରେ କରିବେ । ଆଜି ପ୍ରଥମଥର ପାଇଁ ଯେ ନିର୍ବାଚନ ବେଳେ ରାଜନୀତିକ ଦଳଗୁଡ଼ିକ ଦେଉଥିବା ମାଗଣା ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରି ନାହାନ୍ତି, ବରଂ ଏହାପୂର୍ବରୁ ଅନେକ ଥର ଏପରି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ଏହାପୂର୍ବରୁ ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନ ଓ ସରକାରଙ୍କୁ ଟାର୍ଗେଟ କରିଥିଲେ । ଏହି ପ୍ରସଙ୍ଗରେ କମିଶନ ଓ ସରକାର ହାତ ଝାଡ଼ି ପାରିବେ ନାହିଁ । ସେମାନେ କିଛି କରିପାରିବେ ନାହିଁ ବୋଲି ମଧ୍ୟ କହିପାରିବେ ନାହିଁ । ସରକାର ଓ ନିର୍ବାଚନ ଆୟୋଗ ମିଶି ଏହି ମାଗଣା ଯୋଜନା ଉପରେ ରୋକ ଲଗାଇବା ପାଇଁ ବିଚାର କରନ୍ତୁ । ଏଥିପାଇଁ ଏକ କମିଟି ଗଠନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଥିଲେ ।



## ବଢୁଛି ଜିବିଏସ ସିଣ୍ଡ୍ରୋମ ଆତଙ୍କ


**ମୁମ୍ବାଇ,୧୩।୨(ଏଜେନ୍ସି):** ଗୁଲେନ ବେରେ ସିଣ୍ଡ୍ରୋମରେ ମୁମ୍ବାଇରେ ପ୍ରଥମ ମୃତ୍ୟୁ । ଫଳରେ ଜିବିଏସ ଭାଇରସଜନିତ ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଛି । ମୁମ୍ବାଇରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ନାୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ମହାରାଷ୍ଟ୍ରରେ ବର୍ତ୍ତମାନ ଜିବିଏସରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୩ରେ ପହଞ୍ଚିଛି । ମୃତକ ମୁମ୍ବାଇ ଅନ୍ତର୍ଗତ ବଦାଲାର ବୋଲି ଜଣାପଡିଛି । ସେପଟେ ଜିବିଏସକୁ ନେଇ ସତର୍କ ହୋଇଛନ୍ତି ପୁଣେ କର୍ତ୍ତୃପକ୍ଷ । ୩୦ଟି ଘରୋଇ ଜଳ ଯୋଗାଣ ପ୍ଲାଣ୍ଟକୁ ସିଲ୍ କରାଯାଇଛି । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ନାୟୁଗତ ନିଷ୍କ୍ରିୟତା ପରିଲକ୍ଷିତ ହେବା ସହ ମାଂସପେଶୀ ଦୁର୍ବଳ ହୋଇଯାଏ । ଗୋଡ ଓ ହାତରେ ସ୍ନାୟବିକ ଦୁର୍ବଳତା ପରିଲକ୍ଷିତ ହେବା ସହ ଖାଇବା ଓ ନିଶ୍ୱାସପ୍ରଶ୍ୱାସ ନେବା କଷ୍ଟକର ହୋଇଥାଏ । ଏପରିକି କେତେକ ରୋଗୀଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ପାରାଲିସିସ ଘଟଣା ଘଟିଥାଏ । ପୁରୁଷ ଓ ଯୁବକଙ୍କୁ ଏହା ଅଧିକ ଆକ୍ରାନ୍ତ କରିଥାଏ । ତେବେ ସବୁ ବୟସର ଲୋକଙ୍କୁ ଏହି ସିଣ୍ଡ୍ରୋମ ଆକ୍ରାନ୍ତ କରିଥାଏ ।

## ଇସ୍ପାତ ଉପରେ ଆମେରିକାର ଆମଦାନୀ ଶୁଳ୍କକୁ ନେଇ ଆଇଏସ୍ଏର ଉଦ୍‌ବେଗ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଇସ୍ପାତ ଆମଦାନୀ ଉପରେ ଆମେରିକା ନେଇଥିବା ଶୁଳ୍କ ଲାଗୁ ନିଷ୍ପତ୍ତିକୁ ନେଇ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସ୍ଏ) ଗଭୀର ଉଦ୍ବେଗ ପ୍ରକାଶ କରିଛି । ଆଇଏସ୍ଏର ସଭାପତି ତଥା ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ବିବୃତ୍ତିରେ କହିଛନ୍ତି, ଏହି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ଆହୁରି ବିପର୍ଯ୍ୟସ୍ତ କରିବା ସହିତ ଇସ୍ପାତ ଶିଳ୍ପ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବ । ତାଙ୍କ ମତରେ ପ୍ରମୁଖ ଇସ୍ପାତ ଆମଦାନୀକାରୀ ଆମେରିକା ଐତିହାସିକ ଭାବେ ଅନେକ କଠୋର ବାଣିଜ୍ୟ ପ୍ରତିବନ୍ଧକ ଲଗାଇଛି । ଭାରତୀୟ ଇସ୍ପାତ ବିରୋଧରେ ୩୦ରୁ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସଦ୍ୟତମ ଶୁଳ୍କ ବୃଦ୍ଧି ଯୋଗୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଇସ୍ପାତ ରପ୍ତାନୀ ୮୫% ହ୍ରାସ ପାଇବ । ଭାରତରେ ଇସ୍ପାତ ଆମଦାନୀ ପ୍ରତିବନ୍ଧକ ନଥିବାରୁ ଆମ ଦେଶକୁ ବିଭିନ୍ନ ସ୍ଥାନରୁ ବହୁମାତ୍ରାରେ ଇସ୍ପାତ ପ୍ରବେଶ କରିବ । ମୂଲ୍ୟ ହ୍ରାସ ଠାରୁ ଆରମ୍ଭ କରି ଭାରତୀୟ ଇସ୍ପାତ ଶିଳ୍ପକୁ ଏହା ବିଭିନ୍ନ ପ୍ରକାର ବିପଦରେ ପକାଇବ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି । ଦୀର୍ଘଦିନ ଧରି ଲାଗି ରହିଥିବା ମୂଲ୍ୟାନୁପାତିକ ଶୁଳ୍କ ଏବଂ ପ୍ରତିସ୍ଥୂପୀକରଣ ଶୁଳ୍କକୁ ହଟାଇବା ଏବଂ ପ୍ରତିବନ୍ଧକ ମୂଳକ ପଦକ୍ଷେପରୁ ମୁକ୍ତି ପାଇବା ପାଇଁ ତୁରନ୍ତ କୂଟନୈତିକ ପଦକ୍ଷେପ ନେବାକୁ ଆଇଏସ୍ଏ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ।

## ଦେବାଳିଆକ ହୋଇଯିବ ଆମେରିକା

**ୱାସିଟନ୍,୧୩।୨(ଏଜେନ୍ସି):** : ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଂଘୀୟ ଖର୍ଚ୍ଚରେ କମ୍ କରିବାରେ ପ୍ରମୁଖ ଭୂମିକା ତୁଲାଇଥିବା କୋଟିପତି ଏଲନ ମସ୍କ ଏକ ଚେତାବନୀ ଦେଇଛନ୍ତି । ଯଦି ଆମେରିକା ତାର ବଜେଟ କମ୍ କଲା ନାହିଁ ତେବେ ଦେଶ ଦେବାଳିଆ ହୋଇଯିବ । ଟ୍ରମ୍ପଙ୍କ ନୂଆ ସରକାର ଦ୍ୱାରା ପ୍ରସ୍ତୁତ ଏଜେନ୍ସିଂ ଡିଓସିଇର ମୁଖ୍ୟ ଏଲନ ମସ୍କ ହ୍ୱାଇଟ୍ ହାଉସରେ ସହ ପ୍ରେସମିଟରେ ଏହି କଥା କହିଛନ୍ତି । ଟ୍ରମ୍ପଙ୍କର ଏହି ଚେତବନୀ ଟ୍ରମ୍ପଙ୍କ ଟେନସର ବଢାଇଛି । କାହିଁକି ଏମିତି କହିଲେ ମସ୍କ- ବିଶେଷ କରି ଦେଶରେ ବଜେଟ୍ କମ୍ କରିବା ଦିଗରେ ଏଲନ ମସ୍କ ଚିନ୍ତା ପ୍ରକଟ କରିଛନ୍ତି । ଆମେରିକାର ଗତ ଆର୍ଥିକ ବର୍ଷରେ ବ୍ୟୟ ୧.୮ ମିଲିୟନ ଡଲାର ରହିଥିଲା । ସେ କହିଛନ୍ତି ଖର୍ଚ୍ଚ କମ କରିବାକୁ ଏବେ କେବଳ ବିକଳ୍ପ ନୁହେଁ ବାଧ୍ୟ । ମାତ୍ର ଟ୍ରମ୍ପ ପ୍ରଶାସନର ଶକ୍ତ ଆର୍ଥିକ ନୀତି ଆଇନ ବାବିଦାରେ ଫସୁଛି । ନିକଟରେ ଟ୍ରମ୍ପ ଅନେକ କାର୍ଯ୍ୟକାରୀର ଆଦେଶ ଦେଇଛନ୍ତି । ଯାହାର ମକଦ୍ଦମା ସରକାରୀ ଖର୍ଚ୍ଚକୁ କମ କରିବା ମାତ୍ର ନୀତିଗୁଡିକ ପାଇଁ ସଂଘୀୟ ଏଜେନ୍ସିଂ ବନ୍ଦ ହେବା ସହ ଛଟେଇ ହୋଇଛି । ଏଲନ ମସ୍କ ଟେଲସା ଓ ଏକ୍ସର ସିଇଓ ଅଛନ୍ତି । ଆମେରିକା ସହ ତାଙ୍କର ଏକାଧିକ ଚୁକ୍ତିନାମା ରହିଛି । ଯଦି ଆମେରିକା ତାର ବଜେଟରେ ଖର୍ଚ୍ଚ କମ କରିବ ନାହିଁ ତେବେ ଖୁବଶୀଘ୍ର ଦେବାଳିଆ ହୋଇଯିବ ।



### ଶିଖ୍ ବିରୋଧୀ ଦଙ୍ଗା ମାମଲା

## କଂଗ୍ରେସ ନେତା ସଜ୍ଜନ କୁମାର ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଶିଖ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ମିଳିଥିବା ସୂଚନା ମୁତାବକ, ଏବେ ଏହି ମାମଲାରେ ୧୮ ଫେବୃଆରୀରେ ଦଣ୍ଡ ଘୋଷଣା କରାଯିବ । ଜାଣିରଖିବା ଉଚିତ୍ ଯେ, ଏହି ମାମଲା ସରସ୍ୱତୀ ବିହାରରେ ହୋଇଥିବା ବାପା ଏବଂ ପୁଅଙ୍କ ହତ୍ୟା ସହିତ ଜଡ଼ିତ, ସଜ୍ଜନ କୁମାର ବର୍ତ୍ତମାନ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ତେବେ ୧୯୮୪ ଶିଖ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ଦୋଷୀ ସାବ୍ୟସ୍ତ ହେବା ଉପରେ ଦିଲ୍ଲୀ ଶିଖ ଗୁରୁଦ୍ୱାର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଜଗଦୀପ ସିଂହ କହିଛନ୍ତି, ୪୦ ବର୍ଷ ପୂର୍ବେ ଶିଖ ହତ୍ୟାକାଣ୍ଡର ନେତୃତ୍ୱ ନେଇଥିବା ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ଦଣ୍ଡ ଦିଆଯିବ । ଏଥିପାଇଁ ମୁଁ କୋର୍ଟକୁ ଧନ୍ୟବାଦ ଦେଉଛି । କ୍ଷମତାକୁ ଆସିବା ପରେ SIT ଗଠନ କରିବା ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଦେଉଛି । ଏହାବନ୍ଦ ହୋଇଥିବା ମାମଲାର ପୁନଃ ତଦନ୍ତର ଫଳାଫଳ । ଆମେ ଆଶା କରୁଛୁ ଯେ ଜଗଦୀଶ ଟାଇଟଲର ମାମଲାରେ ମଧ୍ୟ ଆମେ ନ୍ୟାୟ ପାଇବୁ...ସେପଟେ ବିଜେପି ନେତା ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ ଆଜି ସଜ୍ଜନ କୁମାରଙ୍କୁ ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ଆଉ ଏକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । କୋର୍ଟ ତାଙ୍କୁ ଦୋଷୀ ବୋଲି କହିଥିଲେ । ସେମାନେ ନରସଂହାର କରିଥିଲେ । କଂଗ୍ରେସର ସମସ୍ତ ପାପ ସାମ୍ନାକୁ ଆସୁଛି । ମୁଁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ଯିଏ SIT ଗଠନ କରିଥିଲେ ଏବଂ ଏହି ଲୋକମାନଙ୍କୁ ଜେଲରେ ରଖିଥିଲେ । ଭଗବାନ ଆଜି ନ୍ୟାୟ ଦେଲେ । ସୂଚନାଯୋଗ୍ୟ ଯେ,୧୯୮୪ ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ସରସ୍ୱତୀ ବିହାର ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ନଭେମ୍ବର ୧ ତାରିଖ ୧୯୮୪ ମସିହାରେ ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳରେ ପିତା-ପୁତ୍ର ଯୋଡି, ସର୍ଦ୍ଦାର ଜସୱନ୍ତ ସିଂହ ଏବଂ ସର୍ଦ୍ଦାର ତରୁଣଦୀପ ସିଂହଙ୍କୁ ହତ୍ୟା କରାଯାଇଥିଲା । ଅପରାହ୍ନ ପ୍ରାୟ ୪ଟାରୁ ୪ଟା ୩୦ ମଧ୍ୟରେ, ଦଙ୍ଗାକାରୀଙ୍କ ଏକ ଦଳ ଲୁହା ରଡ୍ ଏବଂ ବାଡ଼ି ସାହାଯ୍ୟରେ ପୀଡିତଙ୍କ ଘର ଉପରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀଙ୍କ ଅନୁଯାୟୀ, ଏହି ଭିଡ଼ର ନେତୃତ୍ୱ ନେଇଥିଲେ ତତ୍କାଳୀନ କଂଗ୍ରେସ ସାଂସଦ ସଜ୍ଜନ କୁମାର, ଯିଏ ସେତେବେଳେ ବାହାରୀ ଦିଲ୍ଲୀ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେୟ ଅଭିଯୋଗ ହୋଇଛି ଯେ, ସଜ୍ଜନ କୁମାର ଆକ୍ରମଣ ପାଇଁ ଭିଡ଼କୁ ଉସୁକାଇଥିଲେ, ଯାହା ପରେ ଉଭୟ ଶିଖଙ୍କୁ ସେମାନଙ୍କ ଘରେ ଜୀବନ୍ତ ଜାଳି ଦିଆଯାଇଥିଲା । କେବଳ ଏତିକି ନୁହେଁ, ଉତ୍ତ୍ୟକ୍ତ ଲୋକେ ଘର ଭଙ୍ଗାରୁଜା, ଲୁଟପାଟ ଏବଂ ନିଆଁ ଲଗାଇ ଦେଇଥିଲେ ।

## ସେନାକୁ ଖୁବଶୀଘ୍ର ମିଳିବାକୁ ଯାଉଛି ଏକେ-୨୦୩ ଆସଲ୍ଟ ରାଇଫଲ୍

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଗତ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିଲା ଜିଏଫପି ପାୱାରଫାୟାର ଇଣ୍ଡେକ୍ସ ରିପୋର୍ଟ । ଏହି ରିପୋର୍ଟରେ ବିଶ୍ୱ ମହାଶକ୍ତି ତାଲିକାରେ ଭାରତ ୪ର୍ଥ ସ୍ଥାନ ବଜାୟ ରଖିଛି । କିନ୍ତୁ ପୂର୍ବ ଅପେକ୍ଷା ଭାରତର ଶକ୍ତି ବଢିଛି । ନୌସେନାରେ ଅତ୍ୟାଧୁନିକ ଯୁଦ୍ଧ ପୋତ, ଏବଂ ବାୟୁସେନାରେ ଶକ୍ତିଶାଳି ଏୟାରକ୍ରାଫ୍ଟକୁ ସାମିଲ କରିଛି ଭାରତ । ଏହାରି ଭିତରେ ସେନାରେ ଆଉ ଏକ ଅସ୍ତ୍ର ସାମିଲ ହେବାକୁ ଯାଉଛି । ଯାହା ଶତ୍ରୁ ଉପରେ ଭରପୁର ଗୁଳିବର୍ଷା କରିବ । ଶତ୍ରୁକୁ ବିନାଶ କରିବୟସେନାକୁ ଖୁବଶୀଘ୍ର ମିଳିବାକୁ ଯାଉଛି ଏକେ-୨୦୩ ଆସଲ୍ଟ ରାଇଫଲ୍ । ଗୋଟିଏ ନୁହେଁ କି ଦୁଇଟି ନୁହେଁ ୭୦ ହଜାର ଏକେ-୨୦୩ ଆସଲ୍ଟ ଲାଇଫଲ ସେନାରେ ସାମିଲ ହେବାକୁ ଯାଉଛି । ଧିରେ ଧିରେ ଇନସାସ୍ ରାଇଫଲର ସ୍ଥାନ ନେଉଛି ଏକେ-୨୦୩ ରାଇଫଲ । ଏହି ଏକେ-୨୦୩ ରାଇଫଲରେ ସ୍ୱଦେଶୀ ସାମଗ୍ରୀକୁ ୩୦ ପ୍ରତିଶତକୁ ବୃଦ୍ଧି କରାଯାଇଛି, ସ୍ୱଦେଶୀ ସାମଗ୍ରୀକୁ ଆହୁରି ବୃଦ୍ଧି କରାଯିବ । ଉତ୍କୃଷ୍ଟ କାର୍ଯ୍ୟକ୍ଷମତା, ସ୍ଥାୟୀତ୍ୱ ଏବଂ ଅନୁକୂଳନଶୀଳତା ଏକେ-୨୦୩ର ମାରକ କ୍ଷମତାକୁ ବଢାଇଥାଏ, ଯାହା ଏହାକୁ ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଉଚ୍ଚ-ଉଚ୍ଚତା ଯୁଦ୍ଧ ସମେତ ବିଭିନ୍ନ ଯୁଦ୍ଧ ପରିସ୍ଥିତି ପାଇଁ ଏକ ବ୍ରହ୍ମାସ୍ତ୍ର ସଜାଉଛି । ତେବେ ୨୦୨୪ରେ ଭାରତୀୟ ସେନାକୁ ୩୫ ହଜାର ଏକେ-୨୦୩ ରାଇଫଲ୍ ମିଳିଥିଲା। ୨୦୨୬ ସୁଦ୍ଧା ଆଉ ଏକ ଲକ୍ଷ ୟୁନିଟ୍ ମିଳିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି । ଏକେ-୨୦୩ ରାଇଫଲ କଲାସନିକୋବ ସିରିଜର ଏକ ଆଧୁନିକ ଭର୍ଜନ ।

## କାଶ୍ମୀରରେ ପତ୍ର ହଲିଲେ ଦିଲ୍ଲୀରେ ଶାହା ବୈଠକ କରନ୍ତି: ମୁଫତି

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ପିଡିପି ଅଧ୍ୟକ୍ଷା ମେହବୁବା ମୁଫତି କହିଛନ୍ତି ଯେ ଧାରା ୩୭୦ ଆମର ସୁରକ୍ଷା କବଚ ଥିଲା । ଏହା ଆମର ଜମି ଏବଂ ଲୋକଙ୍କ ଚାକିରି ରକ୍ଷା କରୁଥିଲା । ୨୦୧୯ରେ, ସମସ୍ତଙ୍କ ସୁରକ୍ଷା କବଚ ଛଡ଼ାଇ ନିଆଯାଇଥିଲା । ସେ କହିଥିଲେ ଯେ ଯଦି ସବୁକିଛି ଠିକ୍ ଠାକ୍ ଚାଲୁଛି ତେବେ ପାକିସ୍ତାନ ସହିତ ରାସ୍ତା ଖୋଲ । କେନ୍ଦ୍ରକୁ ଟାର୍ଗେଟ କରି ସେ କହିଛନ୍ତି ଯେ ସେମାନେ ଜାଣନ୍ତି ଯେ ଆମେ ୩୭୦ ହଟାଇ କୌଣସି ସମସ୍ୟାର ସମାଧାନ କରିନାହୁଁ । କୌଣସି ସମାଧାନ ପାଇଲୁ ନାହିଁ । କାରଣ ଆଜି ମଧ୍ୟ, ଯଦି କାଶ୍ମୀରରେ ପତ୍ରଟିଏ ହଲେ, ଅମିତ ଶାହ ଦିଲ୍ଲୀରେ ଏକ ବୈଠକ ଡାକିଥାନ୍ତି । କାରଣ ସେମାନଙ୍କ ମନରେ ଏକ ଭୟ ଅଛି ଯେ ଆମେ ଜମ୍ମୁ କାଶ୍ମୀରରେ ଯାହା କଲୁ ତାହା ଏକ ଲାଭା ସୃଷ୍ଟି କରିଛି ଯାହା ଯେକୌଣସି ସମୟରେ ବିସ୍ଫୋରଣ ହୋଇପାରେ । ଗୁରୁବାର (୧୩ ଫେବୃଆରୀ) ଜମ୍ମୁରୁ ଦଳର ସଦସ୍ୟତା ଅଭିଯାନ ଆରମ୍ଭ କରିବା ସମୟରେ ସେ ଏହି କଥାଗୁଡ଼ିକ କହିଥିଲେ । ସେ କହିଥିଲେ, ତୁମେ ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖି ସମଗ୍ର ଦେଶରୁ ଭୋଟ ପାଇବାକୁ ଚାହୁଁଛ । କୁହାଯାଏ ଯେ ପାକିସ୍ତାନର ସେନା କାଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବାକୁ ଚାହୁଁଛି । ହୁଏତ ବିଜେପି ମଧ୍ୟ ବୁଝିସାରିଛି ଯେ କୌଣସି ସ୍ଥାନରେ ବିସ୍ଫୋରଣ ହେବା ଉଚିତ, କାହାକୁ ସହିଦ କରାଯିବା ଉଚିତ ଯାହା ଦ୍ୱାରା ସେମାନେ ଦେଶରେ ହିନ୍ଦୁ-ମୁସଲିମ ପ୍ରସଙ୍ଗ ସୃଷ୍ଟି କରିପାରିବେ । ଏହା ସହିତ ସେ କହିଥିଲେ ଯେ ଯେପର୍ଯ୍ୟନ୍ତ ଆମେ ଏକାଠି ନ ବସିବୁ, ସେପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ନାହିଁ। ପିଡିପି ମୁଖ୍ୟ କହିଛନ୍ତି ଯେ ଦୁଇ ଦିନ ପୂର୍ବରୁ ଅଖନୁରରେ ଏକ ବିସ୍ଫୋରଣ ହୋଇଥିଲା ବିବାହ କରିବାକୁ ଥିବା ଜଣେ ସୈନିକ ସହିଦ ହୋଇଥିଲେ ଏବଂ ଅନ୍ୟ ଜଣେ ଆରଏସ ପୁରାରେ ବିବାହ କରିବାକୁ ଥିଲେ । ଆସନ୍ତୁ ଟିକିଏ ପଛକୁ ଫେରିଯିବା, ୧୦ ଦିନ ପୂର୍ବେ, କାଠୁଆରେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ହଇରାଣ କରାଯାଇଥିଲା। ସେଠାରେ ଜଣେ ବ୍ୟକ୍ତି ପୋଲିସ ଅଧିକାରୀଙ୍କ ଉପରେ ବିରକ୍ତ ହୋଇ ଆତ୍ମହତ୍ୟା କରିଥିଲେ। ମେହବୁବା ମୁଫତି ଆହୁରି କହିଛନ୍ତି ଯେ ଏଲଜି ସାହେବ ଏବଂ ଗୃହମନ୍ତ୍ରୀ ସୁରକ୍ଷା ସମୀକ୍ଷା ବୈଠକ କରନ୍ତି । ଯଦି କୌଣସି ସମସ୍ୟା ନ ଥାନ୍ତା, ତେବେ ଏହି ବୈଠକଗୁଡ଼ିକ ହୋଇନଥାନ୍ତା । ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଆପଣମାନଙ୍କୁ ସମୟ ମିଳୁନାହିଁ। ଲଦାଖର ଲୋକମାନେ କେନ୍ଦ୍ରଶାସିତ ଅଞ୍ଚଳ ଦାବି କରୁଥିଲେ। ସେଠାରେ ବଡ଼ ବଡ଼ ହୋଟେଲ ମାଲିକମାନେ ଅନ୍ୟମାନଙ୍କ ନାମରେ ହୋଟେଲ କିଣି ନିର୍ମାଣ କରୁଛନ୍ତି।

## ବିଶ୍ୱର ସର୍ବାଧିକ ୧୦୦ଟି ଦୁର୍ନୀତିଗ୍ରସ୍ତ ଦେଶ ଭିତରେ ସ୍ଥାନ ପାଇଲା ଭାରତ

**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ଭାରତ ବିଶ୍ୱର ସର୍ବାଧିକ ୧୦୦ଟି ଦୁର୍ନୀତିଗ୍ରସ୍ତ ଦେଶ ମାନଙ୍କ ଭିତରେ ସ୍ଥାନ ପାଇଛି । ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଦ୍ୱାରା ପ୍ରକାଶିତ ୨୦୨୪ ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ଅନୁଯାୟୀ ଏହି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ଭାରତ ପୁଣି ଖରାପ ସ୍ଥାନ ବଜାୟ ରଖିଛି । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଭାରତ ଗୋଟିଏ ଅଙ୍କ କମ ପାଇଛି । ଚଳିତ ବର୍ଷ ମୋଟ ୧୮୦ ଦେଶ ମାନଙ୍କ ମଧ୍ୟରେ ଭାରତ ୯୬ ତମ ସ୍ଥାନ ଅଧିକାର କରିଛି । ତେବେ ୨୦୨୩ ମସିହାରେ ଭାରତ ୯୯ ତମ ସ୍ଥାନ ପାଇଥିବା ବେଳେ ଏଥର ଦୁଇ ପଏଣ୍ଟ କମ ପାଇଛି । ୯୬ ତମ ସ୍ଥାନରେ ବିଶ୍ୱର ମୋଟ ତିନୋଟି ଦେଶ ରହିଛନ୍ତି । ଭାରତ ଛଡା ଗାମ୍ବିଆ ଓ ମାଳଦ୍ୱୀପ ମଧ୍ୟ ଏହି ସ୍ଥାନରେ ରହିଛନ୍ତି । ସିପିଆଇ ସମଗ୍ର ବିଶ୍ୱରେ ହେଉଥିବା ଦୁର୍ନୀତିକୁ ନେଇ ବାର୍ଷିକ ଭାବେ ଏକ ରିପୋର୍ଟ ପ୍ରକାଶ କରିଥାଏ । ଏହି ରିପୋର୍ଟ କାର୍ଡରେ ୦ (ଅତ୍ୟଧିକ ଦୁର୍ନୀତିଗ୍ରସ୍ତ) ରୁ ୧୦୦ (ଅତ୍ୟନ୍ତ ପରିଷ୍କାର) ଯାଏ ସ୍କୋର ପ୍ରଦାନ କରାଯାଇଥାଏ । ୨୦୨୪ ରେ, ଭାରତ ୩୮ ନମ୍ବର ପାଇଥିଲା, ୨୦୨୩ ରେ ୩୯ ଏବଂ ୨୦୨୨ ରେ ଭାରତକୁ ଏହି କ୍ଷେତ୍ରରେ ୪୦ ନମ୍ବର ମିଳିଥିଲା । ଭାରତର ପୋଡେଶୀ ଦେଶମାନଙ୍କର ସ୍ଥିତି ଜାଣିବାକୁ ଆପଣଙ୍କ ମନରେ ଆଗ୍ରହ ହେଉଥିବ ନିଶ୍ଚୟ । ତେବେ ଚଳିତବର୍ଷ ପାକିସ୍ତାନ ୧୩୫ ତମ ସ୍ଥାନ, ଶ୍ରୀଲଙ୍କା ୧୨୧ ତମ ସ୍ଥାନ, ବାଂଲାଦେଶ ୧୪୯ତମ ସ୍ଥାନ ଓ ଚାଇନା ୭୬ ତମ ସ୍ଥାନ ହାସଲ କରିଛନ୍ତି । ଡେନମାର୍କ ୯୦ ସ୍କୋର ସହିତ ସବୁଠାରୁ କମ୍ ଦୁର୍ନୀତିଗ୍ରସ୍ତ ଦେଶ ଭାବରେ ତାଲିକାର ଶୀର୍ଷରେ ରହିଥିବା ବେଳେ, ତା' ପଛକୁ ଫିନଲ୍ୟାଣ୍ଡ ୮୮, ସିଙ୍ଗାପୁର ୮୪ ଏବଂ ନ୍ୟୁଜିଲ୍ୟାଣ୍ଡ ୮୩ ଆଦି ଦେଶ ରହିଛନ୍ତି । ଲକ୍ସମବର୍ଗ, ନରୱେ ଓ ସ୍ୱିଜରଲ୍ୟାଣ୍ଡ ୮୧ ସ୍କୋର ସହିତ ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱିଡେନ ୮୦ ଏବଂ ନେଦରଲ୍ୟାଣ୍ଡ ୭୮ ଯଥାକ୍ରମେ ଅଷ୍ଟମ ଓ ନବମ ସ୍ଥାନ ଅଧିକାର କରିଛନ୍ତି । ଅଷ୍ଟ୍ରେଲିଆ, ଆଇସଲ୍ୟାଣ୍ଡ ଏବଂ ଆୟରର୍ଲାଣ୍ଡ ୭୭ ସ୍କୋର କରି ଦଶମ ସ୍ଥାନରେ ରହିଛନ୍ତି । ୨୦୧୨ ମସିହାରୁ ୩୨ଟି ଦେଶ ସେମାନଙ୍କ ଦୁର୍ନୀତି ସ୍ତରକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛନ୍ତି । ଏହି ସମୟ ମଧ୍ୟରେ ୧୪୮ଟି ଦେଶ ସ୍ଥିର ପ୍ରଦର୍ଶନ କିମ୍ବା ଖରାପ ପ୍ରଦର୍ଶନ କରିଛନ୍ତି । ସମଗ୍ର ବିଶ୍ୱରେ ଦୁର୍ନୀତିର ସ୍ତର ହାରାହାରି ୪୩ ରହିଛି । ଯାହା ଦୀର୍ଘ ବର୍ଷ ହେବ ଅପରିବର୍ତ୍ତିତ ରହିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ସ୍କୋରକାର୍ଡରେ ମୋଟ୍ ଦୁଇ-ତୃତୀୟାଂଶ ଦେଶ ୫୦ ରୁ କମ୍ ସ୍କୋର କରିଛନ୍ତି ।

## ୱାକଫ୍ ବିଲକୁ ବିରୋଧ କରିବୁ : ମୁସଲିମ ପର୍ସନାଲ ଲ' ବୋର୍ଡ


**ନୂଆଦିଲ୍ଲୀ,୧୩।୨(ଏଜେନ୍ସି):** ୱାକଫ୍ ସଂଶୋଧନ ବିଲ୍ ଉପରେ ଗଠିତ ଜେପିସି ଗୁରୁବାର ସଂସଦରେ ନିଜର ରିପୋର୍ଟ ଉପସ୍ଥାପନ କରିଛି । ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏହି ରିପୋର୍ଟ ଉପରେ ଆପତ୍ତି ଉଠାଇଛି । ଅଧିକାର ରହିଛି । ମୁସଲିମ ପର୍ସନାଲ ଲ' ବୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ କହିଛି ଯେ ଭାରତରେ ଶିଖ ଓ ହିନ୍ଦୁମାନଙ୍କର ଯେପରି ସେମାନଙ୍କ ସମ୍ପତ୍ତି ଉପରେ ଅଧିକାର ରହିଛି, ମୁସଲମାନଙ୍କର ମଧ୍ୟ ସମାନ ଅଧିକାର ରହିଛି । ଅଲ୍ ଇଣ୍ଡିଆ



ବୋର୍ଡ କହିଛି ଯେ ୱାକଫ ବିଲକୁ ବିରୋଧ କରାଯିବ । ମୁସଲିମ ପର୍ସନାଲ ଲ' ବୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ କହିଛି ଯେ ଭାରତରେ ଶିଖ ଓ ହିନ୍ଦୁମାନଙ୍କର ଯେପରି ସେମାନଙ୍କ ସମ୍ପତ୍ତି ଉପରେ ଅଧିକାର ରହିଛି, ମୁସଲମାନଙ୍କର ମଧ୍ୟ ସମାନ ମୁସଲିମ୍ ପର୍ସନାଲ ଲ' ବୋର୍ଡର ସଭାପତି ଖାଲିଦ ସୈଫୁଲ୍ଲା ରହମାନୀ କହିଛନ୍ତି ଯେ ୱାକଫ୍ ଉପରେ ପ୍ରଚଳିତ ଆଇନ ଭାରତୀୟ ସମ୍ବିଧାନ ଅଧୀନରେ ରହିଛି । ଏହା ଧର୍ମୀୟ ସ୍ୱାଧୀନତା ଆଇନ ଅଧୀନରେ ଆସୁଛି ।

## ପ୍ରତାରକଙ୍କୁ କେମିତି ଶରଦ ସମ୍ମାନିତ କଲେ

**ମୁମ୍ବାଇ,୧୩।୨(ଏଜେନ୍ସି):** ଏନସିପି(ଶରଦ ପାୱାର) ସୁପ୍ରିମୋ ଶରଦ ପାୱାରଙ୍କୁ ନେଇ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଦେଇଥିବା ବିବୃତ୍ତିକୁ ନେଇ ଅନେକ ରାଜନୀତି ଚାଲିଛି । ଶିବସେନା (ଉଦ୍ଧବ ଦଳ) ର ସମସ୍ତ ନେତା ସଞ୍ଜୟ ରାଉତଙ୍କ ବକ୍ତବ୍ୟ ସଂପୂର୍ଣ୍ଣ ଠିକ ବୋଲି କହୁଥିବାବେଳେ ଶରଦ ପାୱାର ଦଳର ନେତାମାନେ ଶିବସେନା ଉଦ୍ଧବ ଦଳର ନେତାମାନଙ୍କୁ ପରାମର୍ଶ ଦେଉଛନ୍ତି ଯେ ରାଜନୀତିର ଚଷମାରେ ସବୁକିଛି ଦେଖାଯିବା ଉଚିତ ନୁହେଁ । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମ୍ମାନିତ କରୁଥିବା ଶରଦ ପାୱାରଙ୍କୁ ନେଇ ସଞ୍ଜୟ ରାଉତ ପ୍ରଶ୍ନ ଉଠାଇଥିଲେ । ସଞ୍ଜୟ ରାଉତ ତାଙ୍କ ବିବୃତ୍ତିରେ ପ୍ରଶ୍ନ ଉଠାଇଛନ୍ତି ଯେ ଶରଦ ପାୱାର କାହିଁକି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମ୍ମାନୀତ କରିଛନ୍ତି ? ପ୍ରଶ୍ନ ଉଠାଇ ସଞ୍ଜୟ ରାଉତ କହିଛନ୍ତି ଯେ ଏକନାଥ ସିନ୍ଦେ ବାଲାସାହେବ ଠାକରେଙ୍କ ପାର୍ଟି ଶିବସେନାକୁ ଭାଙ୍ଗିବା ପାଇଁ କାର୍ଯ୍ୟ କରିଛନ୍ତି, ଶରଦ ପାୱାର ଏପରି ବ୍ୟକ୍ତିଙ୍କୁ କିପରି ସମ୍ମାନିତ କରିପାରିବେ ?ସଞ୍ଜୟ ରାଉତଙ୍କ ପ୍ରଶ୍ନକୁ ଆହୁରି ସମର୍ଥନ କରି ଶିବସେନା ଉଦ୍ଧବ ଦଳର ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଏକନାଥ ସିନ୍ଦେଙ୍କ ପାଇଁ ପ୍ରତାରକ ଭଳି ଶବ୍ଦ ବ୍ୟବହାର କରିଥିଲେ । ପ୍ରିୟଙ୍କା ଚତୁର୍ବେଦୀ ଆକ୍ରମଣ କରି କହିଛନ୍ତି ଯେ ଏକନାଥ ସିନ୍ଦେ ବାଲାସାହେବ ଠାକରେଙ୍କ ଶିବସେନାକୁ ଭାଙ୍ଗିବା ପାଇଁ କାର୍ଯ୍ୟ କରିଛନ୍ତି । ସେ ଜଣେ ପ୍ରତାରକ ଏବଂ ଏଭଳି ପରିସ୍ଥିତିରେ ଯଦି ଶରଦ ପାୱାର ଏକନାଥ ସିନ୍ଦେଙ୍କୁ ସମ୍ମାନ ଦେଉଛନ୍ତ । ତେବେ ପ୍ରଶ୍ନ ଉଠିଛି ଯେ ସେ ତାଙ୍କ ବିଶ୍ୱାସଘାତକତାକୁ ସମ୍ମାନ ଦେବାକୁ ଚାହୁଁଛନ୍ତି କି ? ପ୍ରିୟଙ୍କା କହିଛନ୍ତି ଯେ ଯଦି ଶରଦ ପାୱାର ଏକନାଥ ସିନ୍ଦେଙ୍କୁ ବିଶ୍ୱାସଘାତକ ସହ ଜଡିତ କୌଣସି ପୁରସ୍କାର ଦେଇଥାନ୍ତେ । ତା'ହେଲେ ଏହା ଉପରେ ପ୍ରଶ୍ନ ଉଠି ନଥାନ୍ତା, କିନ୍ତୁ ଏଠାରେ ଶରଦ ପାୱାର ଏକନାଥ ସିନ୍ଦେଙ୍କୁ ସମ୍ମାନିତ କରିବା ଉପରେ ପ୍ରଶ୍ନ ତ ପଚରାଯିବ ।



# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଲେଣି ୧୧ ଷ୍ଟାର

ନୂଆଦିଲ୍ଲୀ, ୧୩।୨ : ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି।ଏହା ପୂର୍ବରୁ ଅନେକ ଖେଳାଳି ଟୁର୍ନାମେଣ୍ଟରୁ ବାଦ୍ ଦିଆଯିବାର ଧାରା ଜାରି ରହିଛି।ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ପ୍ରାୟ ସମସ୍ତ ଦଳର ଖେଳାଳି ଏଥିରୁ ବାଦ୍ ପଡ଼ିଛନ୍ତି।

ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ତାଲିକାରେ ଭାରତର ଦ୍ରୁତ ବୋଲର ଜସପ୍ରିତ ବୁମ୍ରା ଅଛନ୍ତି।ସେ ପିଠିରେ ଆଘାତ ଯୋଗୁ ବାଦ୍ ପଡ଼ିବା ପରେ ଟିମ ଇଣ୍ଡିଆକୁ ଏକ ବଡ଼ ଝଟକା ଲାଗିଛି। ବୁମ୍ରାଙ୍କ ଅନୁପସ୍ଥିତି ଯୋଗୁ ଦଳର ବୋଲିଂ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି।

ଗୋଡ଼ରେ ଆଘାତ ଯୋଗୁ ପ୍ୟାଟ୍ କମିନ୍ସ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତି କେବଳ ଅଷ୍ଟ୍ରେଲିଆର ପେସ୍ ଆକ୍ରମଣକୁ ଧକ୍କା ଦେଇନାହିଁ, ବରଂ ଟୁର୍ନାମେଣ୍ଟ ପାଇଁ ସେମାନଙ୍କୁ ଅଧିନାୟକ ପରିବର୍ତ୍ତନ କରିବାକୁ ମଧ୍ୟ ପଡିଛି। ବାମହାତୀ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଅନୁପସ୍ଥିତି ଯୋଗୁ ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆର ପେସ ଆକ୍ରମଣ ଆହୁରି ଦୁର୍ବଳ ଦେଖାଯାଉଛି। ବ୍ୟକ୍ତିଗତ କାରଣରୁ



ସେ ତାଙ୍କ ନାମ ପ୍ରତ୍ୟାହାର କରିଛନ୍ତି।

ଜୋଶ ହାଜେଲଉଡ ହେଉଛନ୍ତି ଆଉ ଜଣେ ଅଷ୍ଟ୍ରେଲିୟ ଖେଳାଳି ଯାହାଙ୍କୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ ଦିଆଯାଇଛି ତାଙ୍କର ହିପ୍‌ରେ ଆଘାତ ଲାଗିଛି। ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିବାକୁ ଥିବା ଅଷ୍ଟ୍ରେଲୀୟ ଖେଳାଳିଙ୍କ ତାଲିକାରେ ପରବର୍ତ୍ତୀ ନାମ ହେଉଛି ଅଲରାଉଣ୍ଡର ମିଚେଲ ମାର୍ଶ ମାର୍ଶଙ୍କର ମଧ୍ୟ ଏକ ଆଘାତ ଅଛି ଯାହା ଯୋଗୁ ତାଙ୍କୁ ଟୁର୍ନାମେଣ୍ଟରୁ ଓହରି ଯିବାକୁ ପଡିଛି ଚାମ୍ପିଅନ୍ସ ଟ୍ରଫି ପାଇଁ ମନୋନୀତ ହେବା ପରେ ମାର୍କସ ଷ୍ଟୋଇନିସ ରୁ ଅବସର ନେଇଥିଲେ।

ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଆନରିଚ ନୋର୍ଖିଆ। ଏବଂ ଜେରାଲ୍ଡ କୋଏତଜେ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ରୁ ବାଦ ପଡ଼ିଛନ୍ତି।ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିବା ଖେଳାଳିଙ୍କ ତାଲିକାରେ ୧୮ ବର୍ଷୀୟ ଆଫଗାନିସ୍ତାନ ସ୍ପିନର ଆଲ୍ଲାହ ଘଜାନଫରଙ୍କ ନାମ ମଧ୍ୟ ସାମିଲ ହୋଇଛି।

ଇଂଲଣ୍ଡର ବ୍ୟାଟିଂ ଅଲରାଉଣ୍ଡର ଜାକବ ବେଥେଲ ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁ ଚାମ୍ପିଅନ୍ସ ଟ୍ରଫି ଦଳରୁ ବାଦ ପଡ଼ିଛନ୍ତି।ଭାରତ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ସେ ଏହି ଆଘାତର ଶିକାର ହୋଇଥିଲେ ଟମ ବାଣ୍ଟନ ଦଳରେ ତାଙ୍କ ସ୍ଥାନ ନେଇଛନ୍ତି। ପାକିସ୍ତାନର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି।ଗୋଡ଼ ଆଘାତ ଯୋଗୁ ତାଙ୍କୁ ଦଳରେ ମନୋନୀତ କରାଯାଇ ନ ଥିଲା। ଆଘାତ ପୂର୍ବରୁ ସେ ପାକ୍ ଦଳର ଜଣେ ନିୟମିତ ସଦସ୍ୟ ଥିଲେ।

# ଗିଲ୍ ବିଶ୍ୱର ନମ୍ବରୱାନ ଦିନିକିଆ ବ୍ୟାଟ୍ସମ୍ୟାନ

ଦୁବାଇ, ୧୩।୨ : ଇଂଲଣ୍ଡ ବିପକ୍ଷ ସିରିଜର ତୃତୀୟ ଦିନିକିଆରେ ଶତକ ମାରିବା ପରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ଶୁବମନ ଗିଲଙ୍କୁ ଏକ ବଡ଼ ପୁରସ୍କାର ମିଳିଛି। ସେ ଦିନିକିଆ ରାଙ୍କିଙ୍ଗରେ ବିଶ୍ୱର ନମ୍ବର-୧ ବ୍ୟାଟସମ୍ୟାନ ହୋଇଛନ୍ତି। ସେ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକା ଶୀର୍ଷରେ ପହଞ୍ଚିଛନ୍ତି। ଶେଷ ମ୍ୟାଚ୍‌ରେ ଟିମ ଇଣ୍ଡିଆ ଇଂଲଣ୍ଡକୁ ୧୪୨ ରନ୍‌ରେ ପରାସ୍ତ କରିଛି। ଏହି ମୁକାବିଲାରେ ଗିଲ ୧୧୨ ରନର ଏକ ଶତକୀୟ ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ଏବେ ବି ର‍୍ୟାଙ୍କିଙ୍ଗ୍‌ରେ ତୃତୀୟ ସ୍ଥାନରେ ଅଛନ୍ତି।



ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ ମ୍ୟାଚ ପୂର୍ବରୁ, ବାବର ଆଜମଙ୍କ ପାଖରେ ୭୮୬ ରେଟିଂ ପଏଣ୍ଟ ଥିଲା। ଶୁବମନ ଗିଲଙ୍କ ପାଖରେ ୭୮୧ ପଏଣ୍ଟ ଥିଲା। ବୁଧବାର ଭାରତ-ଇଂଲଣ୍ଡ ସହିତ ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା ମ୍ୟାଚ ମଧ୍ୟ ଖେଳାଯାଇଥିଲା। ଗୋଟିଏ ପଟେ ଗିଲ ୧୧୨ ରନ କରିଥିଲେ, କିନ୍ତୁ ବାବର ଆଜମ ମାତ୍ର ୨୩ ରନ କରି ଆଉଟ ହୋଇଥିଲେ। ବାବର ଆଜମ ଶସ୍ତାରେ ଆଉଟ ହେବା ଯୋଗୁ ଗିଲଙ୍କୁ ରାଙ୍କିଙ୍ଗରେ ମଧ୍ୟ ଲାଭ ମିଳିଛି।ଗୋଟିଏ ପଟେ, ଶୁଭମନ ଗିଲ ଏବେ ବିଶ୍ୱର ନମ୍ବର-୧ ଦିନିକିଆ। ବ୍ୟାଟସମ୍ୟାନ ହୋଇସାରିଛନ୍ତି। ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଏବଂ ବିରାଟ କୋହଲି ଷଷ୍ଠ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜରେ ଶ୍ରେୟସ ଆୟର ୭୦.୩୩ ହାରରେ ୧୮୩ ରନ କରିଛନ୍ତି।ଏହି ଭଲ ପ୍ରଦର୍ଶନ ଯୋଗୁ ତାଙ୍କୁ ରାଙ୍କିଙ୍ଗରେ ଲାଭ ମିଳିଛି।

# ପଟିଦାର ଆରସିବି ଅଧିନାୟକ

ବେଙ୍ଗାଲୁରୁ, ୧୩।୨ : ଆଇପିଏଲ୍ ୨୦୨୫ ପାଇଁ ରଜତ ପଟିଦାରଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଅଧିନାୟକ କରାଯାଇଛି। ପଟିଦାର ୨୦୨୧ ମସିହାରୁ ଆରସିବି ପାଇଁ ଖେଳୁଛନ୍ତି। ସେ ଆରସିବି ମାଧ୍ୟମରେ ତାଙ୍କର ଆଇପିଏଲ୍ ଡେବ୍ୟୁ କରିଥିଲେ। କିନ୍ତୁ ୨୦୨୧ରେ ପାଇଁ ଖେଳିଥିବା ପଟିଦାରଙ୍କୁ ପରବର୍ତ୍ତୀ ସିଜିନ ଅର୍ଥାତ୍ ୨୦୨୨ରେ କୌଣସି କ୍ରେତା ମିଳି ନଥିଲା, ଯାହା ପରେ ସେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

କିନ୍ତୁ ଆର୍‌ସିବିରେ ଖେଳିବା ଯୋଗୁ ସେ ତାଙ୍କ ବିବାହ ବାତିଲ କରିଥିଲେ ତାଙ୍କ ବିବାହ ତାରିଖ ମଧ୍ୟ ସ୍ଥିର ହୋଇଥିଲା ଏବଂ ହୋଟେଲ ମଧ୍ୟ ବୁକ ହୋଇଥିଲା। ଏହା ତାଙ୍କ ବାପା ପ୍ରକାଶ କରିଥିଲେ।



ପଟିଦାର ଟୁର୍ନାମେଣ୍ଟରେ ଡେବ୍ୟୁ କରିଥିଲେ, ସେ ଆଇପିଏଲ୍ ୨୦୨୧ରେ ଆର୍‌ସିବି ପାଇଁ ଖେଳିଥିଲେ ସେ ତାଙ୍କ କ୍ୟାରିୟରର ପ୍ରଥମ ସିଜିନରେ ୪ଟି ମ୍ୟାଚ ଖେଳିଥିଲେ। ଏହା ପରେ ଆର୍‌ସିବି ତାଙ୍କୁ ରିଟେନ କରି ନ ଥିଲା। ସେହିପରି, ୨୦୨୨ ନିଲାମରେ ମଧ୍ୟ କେହି ପଟିଦାରଙ୍କୁ କିଣି ନ ଥିଲେ ବିକ୍ରି ନ ହୋଇ ରହିବା ପରେ, ପଟିଦାର ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ବିବାହ ପୂର୍ବରୁ, ତାଙ୍କୁ ଆର୍‌ସିବିରୁ ଏକ ଫୋନ ଆସିଥିଲା ଆହତ ଖେଳାଳି ଲାଭନିଥ ସିସୋଡିଆଙ୍କ ସ୍ଥାନରେ ଆରସିବି ପଟିଦାରଙ୍କୁ ୨୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରାଯାଇଥିଲା। ଏହି ନିମନ୍ତ୍ରଣ ପରେ ପାଟିଦାର ବିବାହ ବାତିଲ କରିଦେଲେ। ପଟିଦାର ଆଇପିଏଲ କ୍ୟାରିୟରରେ ୨୭ଟି ମ୍ୟାଚ ଖେଳିଛନ୍ତି। ସେ ୨୪ଟି ଇନିଂସରେ ସେ ୩୪.୭୩ ହାରରେ ଏବଂ ୧୫୮.୮୪ ଷ୍ଟ୍ରାଇକ ରେଟ୍‌ରେ ୭୯୯ ରନ କରିଥିଲେ।ସେ ଗୋଟିଏ ଶତକ ଏବଂ ୭ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ପରିବାରକୁ ସାଥିରେ ନେବେନି ଟିମ୍ ଇଣ୍ଡିଆ ଖେଳାଳି



ନୂଆଦିଲ୍ଲୀ, ୧୩।୨ : ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତାର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ ଇଣ୍ଡିଆର ପ୍ରତ୍ୟେକ ଖେଳାଳି ଏକା ଦୁବାଇ ଯିବେ ସେମାନଙ୍କ ପରିବାରବର୍ଗଙ୍କୁ ସାଥିରେ ନେବେ ନାହିଁ ବିସିସିଆଇର ନୂତନ ନିୟମ ଯୋଗୁ ଏହା ଘଟିଛି।

ଭାରତୀୟ କ୍ରିକେଟ ଖେଳାଳିମାନେ ଫେବୃଆରୀ ୧୫ରେ ଦୁବାଇ ଯିବେ ଏବଂ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ରହିବେ ନାହିଁ ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ବିସିସିଆଇର ନୂତନ ନିୟମ କାର୍ଯ୍ୟକାରୀ ହେଉଛି। ଭାରତୀୟ ଦଳକୁ ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ୨୦ ଫେବୃଆରୀରେ ଖେଳିବାକୁ ପଡିବ ଏବଂ ୨୩ ଫେବୃଆରୀରେ ଏହା ପାକିସ୍ତାନ ସହିତ ମୁକାବିଲା କରିବ।

ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି ଟିମ ଇଣ୍ଡିଆର କୌଣସି ଗସ୍ତ ୪୫ ଦିନ କିମ୍ବା ତାଠାରୁ ଅଧିକ ସମୟର ହୋଇଥାଏ, ତେବେ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ୨ ସପ୍ତାହ ପାଇଁ ଗସ୍ତରେ ରହିପାରିବେ ଅଷ୍ଟ୍ରେଲିଆ। ବିପକ୍ଷ ଟେଷ୍ଟ ସିରିଜରେ ପରାଜୟ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା।

# ପାକିସ୍ତାନ ଖେଳାଳିଙ୍କୁ ଜୋରିମନା

ନୂଆଦିଲ୍ଲୀ, ୧୩।୨ : ଆଇସିସି ତିନି ଜଣ ପାକିସ୍ତାନୀ ଖେଳାଳିଙ୍କ ଉପରେ ଜୋରିମନା ଲଗାଇଛି ପାକିସ୍ତାନ ଶାହିନ ଆଫ୍ରିଦି, ସୌଦ ଶକିଲ ଏବଂ କମରାନ ଗୁଲାମଙ୍କୁ ଆଇସିସି ଦଣ୍ଡ ଦେଇଛନ୍ତି। ଗୁରୁବାର ଆଇସିସି ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛି ତ୍ରିକୋଣୀୟ ସିରିଜର ତୃତୀୟ ମ୍ୟାଚ୍‌ରେ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ ସମୟରେ ପାକିସ୍ତାନର ୩ ଖେଳାଳି ଆଇସିସିର ନିୟମ ଭାଙ୍ଗିଥିଲେ।



ପାକିସ୍ତାନର ଦ୍ରୁତ ବୋଲର ଶାହିନ ଆଫ୍ରିଦିଙ୍କ ଉପରେ ସବୁଠାରୁ ଅଧିକ ଜୋରିମନା ଲାଗିଛି। ଆଇସିସି ଶାହିନଙ୍କ ମ୍ୟାଚ ଫିର ୨୫ ପ୍ରତିଶତ ଜୋରିମନା ଲଗାଇଛି। ମ୍ୟାଚ ସମୟରେ ଶାହିନ ଦକ୍ଷିଣ ଆଫ୍ରିକା ଖେଳାଳି ମାଥ୍ୟୁ ବ୍ରିଟଜେଙ୍କ ସହ ଝଗଡ଼ା କରିଥିଲେ। ଏହି ଦୁଇଜଣଙ୍କ ମଧ୍ୟରେ ବହୁତ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲା ହୋଇଥିଲା ।ଏହି କାରଣରୁ ଆଇସିସି ଶାହିନଙ୍କୁ ଦଣ୍ଡ ଦେଇଛି। ଆଇସିସି ସୌଦ ଶକିଲ ଏବଂ କମରାନ ଗୁଲାମଙ୍କ ମ୍ୟାଚ ଫିସର ୧୦ ପ୍ରତିଶତ ଜରିମାନା ଲଗାଇଛି। କମରାନ ବଦଳ ଖେଳାଳି ଭାବରେ ପଡ଼ିଆକୁ ଆସିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ୨୯ତମ ଓଭରରେ ତେମ୍ବା ବାଭୁମା ରନ ଆଉଟ ହୋଇଥିଲେ। ଏହା ପରେ, ଦୁହେଁ ବାଭୁମାଙ୍କ ପାଖକୁ ଆସିଲେ ଏବଂ ଆକ୍ରମଣାତ୍ମକ ମନୋଭାବ ଦେଖାଇଲେ ଦୁହେଁ ଆଇସିସିର ନିୟମ ଉଲ୍ଲଂଘନ କରିଛନ୍ତି ସେଥିପାଇଁ ଦଣ୍ଡ ଦିଆଯାଇଛି।

# ଓସିଏ ସଭାପତି ପଦ ପାଇଁ ନାମାଙ୍କନ

କଟକ, ୧୩।୨ : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସଭାପତି ପାଇଁ ଶିଳ୍ପପତି ପଙ୍କଜ ଲୋଚନ ମହାନ୍ତି ନାମାଙ୍କନ ଦାଖଲ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଏବଂ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି) ନେତା ପ୍ରଣବ ପ୍ରକାଶ ଦାସଙ୍କ ଇସ୍ତଫା ପରେ ଓସିଏ ସଭାପତି ପଦବୀ ଖାଲି ପଡ଼ିଛି।



ଓସିଏର ଉପାଧ୍ୟକ୍ଷ ମହାନ୍ତି ସଭାପତି ପଦ ପାଇଁ ତାଙ୍କର ନାମାଙ୍କନ ଦାଖଲ କରିଥିବା ଏକମାତ୍ର ପ୍ରାର୍ଥୀ ବୋଲି ସୂତ୍ରରୁ ଜଣାପଡିଛି ଓସିଏ ଅନୁଯାୟୀ, ନାମାଙ୍କନର ଯାଞ୍ଚ ଫେବୃଆରୀ। ୧୪ ରେ କରାଯିବ ଏବଂ ପ୍ରାର୍ଥୀମାନେ ଫେବୃଆରୀ ୧୫ ରେ ସେମାନଙ୍କର ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଫେବୃଆରୀ ୨୪ ରେ ଓସିଏର ଏଜିଏମ ସମୟରେ ନୂତନ ସଭାପତି ନିର୍ବାଚିତ ହେବେ। ବବି ୨୦୨୨ ରେ ଓସିଏର ସଭାପତି ଭାବରେ ନିବାଚିତ ହୋଇଥିଲେ। ସେ ଗତ ବର୍ଷ ଡିସେମ୍ବରରେ ପଦରୁ ଇସ୍ତଫା ଦେଇଥିଲେ ଅନ୍ୟପଟେ ମହାନ୍ତି ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ କ୍ରିକେଟ ଆସୋସିଏସନର ସଭାପତି ଭାବରେ କାର୍ଯ୍ୟ କରିଥିଲେ। ଓସିଏ ସଭାପତି ପଦରୁ ବବିଙ୍କ ଇସ୍ତଫା ପରେ, ଭାରତୀୟ ଜନତା ପାର୍ଟି (ଭାଜପା) ନେତା ଏବଂ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ରାଜ୍ୟର କ୍ରିକେଟ ସଂସ୍ଥାର ସର୍ବୋଚ୍ଚ ପଦବୀ ପାଇଁ ନିର୍ବାଚିତ ହୋଇପାରନ୍ତି ବୋଲି କଳ୍ପନାଜଳ୍ପନା କରାଯାଉଥିଲା। ଉଲ୍ଲେଖଯୋଗ୍ୟ ଯେ କଟକର ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ୍ ସିଷ୍ଟମରେ ତ୍ରୁଟି ପାଇଁ ଓସିଏ ଏବେ ବିଭିନ୍ନ ମହଲରୁ ସମାଲୋଚନାର ସମ୍ମୁଖୀନ ହେଉଛି। ଯାହା ଫଳରେ ଫେବୃଆରୀ ୯ ତାରିଖରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରାୟ ୩୦ ମିନିଟ୍ ପାଇଁ ଏକ ଦିନିକିଆ। ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା।



# ଅଶୁର୍ଲାକୁ ପରାସ୍ତ କରି ବରତୁଣ୍ଡା ବିଜୟୀ

ବଙ୍ଗୋମୁଣ୍ଡା, ୧୩।୨ – ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁ ରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ତୃତୀୟ ଦିବସ ରେ ପହଞ୍ଚିଛି । ଆୟୋଜିତ ତୃତୀୟ ଦିବସ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କପିଲାଭଟା ପଞ୍ଚାୟତ ର ସମିତି ସଭ୍ୟ ମଧୁସୂଦନ ସାହୁ,ସମ୍ମାନୀୟ ଅତିଥି ଭାବେ ନିରାନନ୍ଦ ସାହୁ, ପ୍ରଶାନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ତୃତୀୟ ଦିବସ ମ୍ୟାଚ ରେ ଅଶୁର୍ଲା ଓ ବରତୁଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ଅଶୁର୍ଲା ଦଳ କୁ ପରାସ୍ତ କରି ବରତୁଣ୍ଡା ଦଳ ବିଜୟୀ ହୋଇଛି ନବୀନ ପୁଟେଲ ଓ ଅଙ୍କିତ ରାଉତ ଖେଳ ପରିଚାଳନା କରିଥିଲେ ଆୟୋଜକ କମିଟି ର ଆଶିଷ ଯାନୀ, ଅଙ୍କିତ ରାଉତ, ଯୋଗିନ ଭୋଇ, ମହେଶ୍ୱର ପୁଟେଲ, ଇନ୍ଦ୍ର ଭୋଇ, ଡୋଲେଶ୍ୱର ଭୋଇ,ମକରଧ୍ୱଜ ନାଗ,ପ୍ରତାପ ନାଗ ପ୍ରମୁଖ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଅଷ୍ଟ୍ରେଲିଆ ପାଇଁ ସବୁଠୁ ଅଧିକ ମୁଣ୍ଡବିନ୍ଧା

ମେଲବୋର୍ଣ୍ଣ, ୧୩।୨ : ଚାମ୍ପିୟନ୍ସ ଟ୍ରଫି ଜିତିବା ପାଇଁ ଆଶା ରଖିଥିବା ବିଶ୍ୱ ବିଜେତା ଅଷ୍ଟ୍ରେଲିଆକୁ ପୁଣି ଗୋଟିଏ ଝଟକା ଲାଗିଛି। ଦଳ ଦିନିକିଆ। ଫର୍ମାଟରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ୩ ପ୍ରମୁଖ ପେସ ବୋଲରଙ୍କ ସେବାରୁ ବଞ୍ଚିତ ହେବ ନିୟମିତ ଅଧିନାୟକ ପାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ବେଶ କିଛି ଦିନ ପୂର୍ବରୁ ଗୋଇଠି ଜନିତ ସମସ୍ୟା ପାଇଁ କମିନ୍ସ ଓ ଗୋଡ଼ ଜନିତ ସମସ୍ୟା ଯୋଗୁ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫି ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। କିନ୍ତୁ ଏବେ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କରି ନେଇଛି।

ସେ ମ୍ୟାଚ୍ ଖେଳିବାକୁ ଫିଟ ଥିଲେ ହେଁ କଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କଲେ, ସେକଥା ଜଣାପଡ଼ି ନାହିଁ



କୁହାଯାଉଛି ଯେ ପାରିବାରିକ କାରଣ ପାଇଁ ଷ୍ଟାର୍କ ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟରୁ ନିଜ ନାଁକୁ କାଢ଼ି ନେଇଛନ୍ତି। କମିନ୍ସ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ନୂଆ ଅଧିନାୟକଙ୍କ ନାଁ ଘୋଷଣା କରିଛି। ଶ୍ରୀଲଙ୍କା ବିପକ୍ଷ ୨ଟିକିଆ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର କାମ ଚଳା ଅଧିନାୟକ ଭାବେ କାମ କରୁଥିବା ଷ୍ଟିଭ ସ୍ମିଥ ଏବେ ଚାମ୍ପିୟନ୍ସ ଟ୍ରଫିରେ ଦଳର ନେତୃତ୍ୱ ନେବେ। ଚାମ୍ପିୟନ୍ସ ଟ୍ରଫି ପାଇଁ କ୍ରିକେଟ ଅଷ୍ଟ୍ରେଲିଆ। ଘୋଷଣା କରିଥିବା ୧୫ ଜଣିଆ। ସ୍କ୍ୱାଡରେ ମାର୍କସ ଷ୍ଟୋଇନିସ ମଧ୍ୟ ନାହାନ୍ତି କାରଣ ସେ ଗତ ସପ୍ତାହରେ ଦିନିକିଆ। ଫର୍ମାଟକୁ ଅଲବିଦା କହିଥିଲେ। ଆହତ ଯୋଗୁ ଅନ୍ୟତମ ଅଲରାଉଣ୍ଡର ମିଚେଲ ମାର୍ଶ ମଧ୍ୟ ବାଦ ପଡ଼ିଛନ୍ତି ଅଷ୍ଟ୍ରେଲିଆର ୩ ପ୍ରମୁଖ ପେସର ବାଦ ପଡ଼ିଥିବାରୁ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସ୍ପେନସର ଜନସନ, ନାଥନ ଏଲିସ ଓ ବେନ ଡାରଶୁଇସକୁ ସ୍ଥାନ ମିଳିଛି ଆରୋନ ହାର୍ଡିଙ୍କୁ ସିମିଂ ଅଲରାଉଣ୍ଡ ଭାବେ ସ୍କ୍ୱାଡରେ ରଖାଯାଇଛି। ତନବୀର ସଙ୍ଘା ଓ ଆଡାମ ଜାମ୍ପା ସ୍ପିନ ବୋଲର ଭାବେ ସୁଯୋଗ ପାଇଛନ୍ତି।


ଅଷ୍ଟ୍ରେଲିଆ ସ୍କ୍ୱାଡ: ଷ୍ଟିଭ ସ୍ମିଥ (ଅଧିନାୟକ), ସେନ ଆବୋଟ୍, ଆଲେକ୍ସ କେରୀ, ବେନ ଡାରଶୁଇସ, ନାଥନ ଏଲିସ, ଜ୍ୟାକ-ଫ୍ରେସେର ମ୍ୟାକର୍ଗ, ଆରୋନ ହାର୍ଡି, ଟ୍ରାଭିସ ହେଡ, ଜୋଶ ଇଙ୍ଗଲିସ, ସ୍ପେନସର ଜନସନ, ମାର୍ନସ ଲାବୁଶେନ, ଗ୍ଲେନ ମ୍ୟାକ୍ସୱେଲ, ତନବୀର ସଙ୍ଘା, ମାଥ୍ୟୁ ଶର୍ଟ ଓ ଆଡାମ ଜାମ୍ପା।

## ଧାୱନ ଚାମ୍ପିଅନ୍ସ ଟ୍ରଫି ଆମ୍ବାସାଡର

ଦୁବାଇ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପୂର୍ବତନ ଭାରତୀୟ ଓପନର୍ ଶିଖର ଧାୱନଙ୍କୁ ଆଇସିସି ଚାମ୍ପିଅନ ଟ୍ରଫି ଲାଗି ଆମ୍ବାସାଡର ଭାବେ ନିଯୁକ୍ତି କରିଛି। ଏହି ୮ ଦଳୀୟ ପ୍ରତିଯୋଗିତା ପାକିସ୍ତାନ ଓ ଦୁବାଇରେ ଚଳିତ ମାସ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ହାଇବ୍ରିଡ୍ ମଡେଲ୍‌ରେ ଖେଳାଯିବ।

# ନୀରଜଙ୍କ ପରେ ସଚିନ୍ : ଭାଙ୍ଗିଲେ ଜାତୀୟ କ୍ରୀଡ଼ା ରେକର୍ଡ

ଭୁବନେଶ୍ୱର, ୧୩।୨ : ଗୋଲଡେନ୍ ବୟ ନୀରଜ ଚୋପ୍ରା ରେକର୍ଡ ବଏ, ଜାଭେଲିନ୍‌ରେ ରଚିଛନ୍ତି ନୂଆ। କୀର୍ତ୍ତିମାନ ଦୁଇଟି ଅଲିମ୍ପିକ୍ସରେ ହାତେଛନ୍ତି ପଦକ ଏମିତି ଅନେକ ରେକର୍ଡର ଅଧିକାରୀ ନୀରଜ ଚୋପ୍ରାଙ୍କ ଉଣା ଅଧିକେ ସମସ୍ତେ ଜାଣନ୍ତି ।ହେଲେ ଏବେ ନୀରଜଙ୍ଗ ପରେ ରେକର୍ଡ କରିଛନ୍ତି ଆଉ ଜଣେ ଜାଭେଲିନର । ନାଁ ତାଙ୍କର ସଚିନ ଯାଦବ। ଜାଭେଲିନ୍ ଥ୍ରୋରେ ଏପରି ଏକ କୃତିତବ କରିଛନ୍ତ। ଯାହା ପରେ ତାଙ୍କୁ ସେକେଣ୍ଡ ନୀରଜ ଚୋପ୍ରା କହିବା ଲୋକେ ଆରମ୍ଭ କରିଦେଲେଣି ୩୮ତମ ଜାତୀୟ କ୍ରୀଡାରେ, ସଚିନ ଯାଦବ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୧୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଉତ୍ତରାଖଣ୍ଡରେ ଚାଲିଛି ୩୮ତମ ଜାତୀୟ କ୍ରୀଡା ଉତ୍ସବ ଇଭେଣ୍ଟରେ ଏପର୍ଯ୍ୟନ୍ତ ଅନେକ ଖେଳାଳି ବିଭିନ୍ନ କ୍ରୀଡ଼ାରେ ପୁରୁଣା ରେକର୍ଡ ଭାଙ୍ଗି ନୂତନ ରେକର୍ଡ ସୃଷ୍ଟି କରିଛନ୍ତି ଏବେ ଏହି ତାଲିକାରେ ୨୫ ବର୍ଷୀୟ ସଚିନ ଯାଦବଙ୍କ ନାମ ମଧ୍ୟ ସାମିଲ ହୋଇଛି। କେବଳ ଏତିକି ନୁହେଁ, ସେ ନୀରଜ ଚୋପ୍ରାଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି ନୀରଜ ୨୦୧୫ରେ ଜାତୀୟ କ୍ରୀଡାରେ ୭୩.୪୫ ମିଟର ଫିଙ୍ଗିଥିଲେ କିନ୍ତୁ ସଚିନ ତାଙ୍କଠାରୁ ବହୁତ ଆଗକୁ ଯାଇଛନ୍ତି ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ